ବର୍ଷ-୨୪, ସଂଖ୍ୟା-୨୪୪
ଭୁବନେଶ୍ୱର
୦୪ ଅକ୍ଟୋବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 244
Bhubaneswar
04 October, 2024, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆରମ୍ଭ ହେଲା ନବରାତ୍ର, ଚଳଚଞ୍ଚଳ ଶକ୍ତିପୀଠ





ଭୁବନେଶ୍ୱର/ରାୟଗଡ଼ା,ନବରଙ୍ଗପୁର,୩।୧୦(ମହାଭାରତ): ଦେଶର ବିଭିନ୍ନ ସ୍ଥାନରେ ଆଜିଠୁ ଶାରଦୀୟ ନବରାତ୍ର ଆରମ୍ଭ ହୋଇଛି। ନବରାତ୍ର ଲାଗି ଉତ୍ସବମୁଖର ହୋଇ ଉଠିଛି ବିଭିନ୍ନ ଶକ୍ତିପୀଠ। ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଚାଲିଛି ନବରାତ୍ର ପୂଜା। ଷୋଡ଼ଶ ଉପଚାର ନୀତିକାନ୍ତି ସହ ହେଉଛି ସ୍ୱତନ୍ତ୍ର ପୂଜା। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି ଶକ୍ତି ସ୍ୱରୂପିଣୀ ମାଆ।

ଶରତକାଳୀନ ଷୋଡ଼ଶ ପୂଜା ପାଇଁ ଚଳଚଂଚଳ କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପୀଠ। ହୋମ ଯଜ୍ଞ, ମନ୍ତ୍ରପାଠରେ ପ୍ରକମ୍ପିତ ହେଉଛି ପୀଠ। ମା କଟକ ଚଣ୍ଡୀଙ୍କୁ ଜଗଦ୍ଧାତ୍ରୀ ବେଶରେ ଦର୍ଶନ କରିଛନ୍ତି ହଜାର ଶ୍ରଦ୍ଧାଳୁ ଓ ବ୍ରତଧାରୀ। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ମା' ପ୍ରତିଦିନ ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ନବରାତ୍ର ଅବସରରେ ମା'ଙ୍କ ପୀଠରେ ସପ୍ତସତୀ ଚଣ୍ଡୀ ପାଠ କରାଯାଉଛି।ମା' ବିରଜାଙ୍କ କ୍ଷେତ୍ରରେ ବି ଆରମ୍ଭ ହୋଇଛି ନବରାତ୍ର ଦର୍ଶନ।ଏଠାରେ ରହିଛି ନିଆରା ପରମ୍ପରା। ଶାରଦୀୟ ଦୁର୍ଗାପୂଜା ଅବସରରେ ମା' ସିଂହଧ୍ୱଜ ରଥରେ ଦେବୀ ଦୁର୍ଗତୀ ନାଶିନୀ ଭାବେ ରଥାରୂଢ ହୋଇ ନଅ ଦିନ ବୋ ପରିକ୍ରମା କରି ମହିଷାସୁରକୁ ନିଧନ କରିଥାନ୍ତି।

ତେଣେ ଶାରଦୀୟ ଦୁର୍ଗାପୂଜା ଅବସରରେ ଚଳଚଂଚଳ ରାଜ୍ୟର ଅନ୍ୟତମ ଶକ୍ତିପୀଠ ବାଙ୍କୀର ଚର୍ଚ୍ଚିକା ପୀଠ। ବାଦ୍ୟ, ଘଣ୍ଟଘଣ୍ଟା ଶବ୍ଦରେ ଉଛୁଳି ପଡୁଛି ମା' ଚର୍ଚ୍ଚିକାଙ୍କ ପୀଠ। ନବରାତ୍ର ପୂଜାର ରୀତିନୀତି ମୁତାବକ, ପାଟବସ୍ତ୍ରରେ ମା'ଙ୍କୁ ସୁନ୍ଦର ଭାବେ ସଜ୍ଜିତ କରାଯିବା ସହ ସୂର୍ଯ୍ୟପୂଜା, ମଙ୍ଗଳ ଆରତୀ, ମାଣ୍ଡୁଅ ଭୋଗ ଆଦି ଲାଗି କରାଯାଏ। ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣି ଙ୍କ ମନ୍ଦିରରେ ଆରମ୍ଭ ହୋଇଛି ନବରାତ୍ର ପୂଜା । ଏଥିପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି ।ନବରାତ୍ର ପୂଜା ପାଇଁ ମା ମଝିଘରିଆଣି ଙ୍କୁ ସୁନାବେଷରେ ସଜ୍ଜିତ କରାଯାଇଛି ।ମା ଙ୍କ ସୁନାବେସ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ନବରାତ୍ର ପାଇଁ ପ୍ରତିଦିନ ମା ଙ୍କ ମନ୍ଦିରରେ ସୂର୍ଯ୍ୟପୂଜା, ଷୋଡସ ଉପଚାର ପୂଜା , ଚଣ୍ଡୀପାଠ ସହ ହୋମ ଯଜ୍ଞ ଅନୁଷ୍ଠିତ ହେବ। ନିଜର ମାନସିକ ପୂରଣ ପାଇଁ ଓଡ଼ିଶା ସମତେ ଆନ୍ଧ୍ରପ୍ରଦେଶ,ଛତିଶଗଡ଼ ର ଭକ୍ତ ମାନେ ଆସି ଏଠାରେ ପୂଜାର୍ଚ୍ଚନା କରନ୍ତି ।

ନବରଙ୍ଗପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବି ମା' ଭଣ୍ଡାରଘରଣୀ ଙ୍କ ନବରାତ୍ର ପୂଜା ମହା ଆଡ଼ମ୍ବରରେ ଆରମ୍ଭ ହୋଇ ଯାଇଛି। ଅଶ୍ୱିନ ଶୁକ୍ଳ ପ୍ରତିପଦା ରେ ମା ଙ୍କ ପ୍ରତିକ ପାଟଖଣ୍ଡା କୁ ମହା ଆଡମ୍ବର ସହକାରେ ଏକ ବିରାଟ ପଟୁଆର ରେ ସହର ପରିକ୍ରମା କରାଯାଇ ମହାସ୍ନାନ ପାଇଁ ସ୍ଥାନୀୟ ପ୍ରତାପ ସାଗରକୁ ନିଆଯାଇଥିଲା । ମହାସ୍ନାନ ପରେ ମା'ଙ୍କ ପ୍ରତିକକୁ ଆଣି ପୁଣି ପୀଠ ରେ ସ୍ଥାପନ କରାଯାଇ ଥାଏ । ଆଜିଠାରୁ ମାନସିକ ଧାରୀ ମାନେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥାନ୍ତି ମା ଙ୍କ ପାଖରେ। ଆଦ୍ୟ ପୀଠ ରାଜ ଜଗନ୍ନାଥପୁର ସହ ନବରଙ୍ଗପୁର ପୀଠ ରେ ମଧ୍ୟ ଆଜିଠାରୁ ନବରାତ୍ର ପୂଜା ଆନନ୍ଦ ସହକାରେ ଆରମ୍ଭ ହୋଇଅଛି ।

## ଦିଲ୍ଲୀରେ ଆମ୍ବାସାଡର ମିଟ୍

# ଓଡ଼ିଶା ହେବ ଶିଳ୍ପ ହବ୍ : ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩।୧୦(ମହାଭାରତ): ଓଡ଼ିଶାକୁ ଅଧିକ ପୁଞ୍ଜି ଆଣିବା ସହ ଆଗାମୀ ଦିନରେ ବିଦେଶୀ ପୁଞ୍ଜି ନିବେଶ ବଢ଼ାଇବା ଲକ୍ଷ୍ୟ ନେଇ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସେଠାରେ ଆମ୍ବାସାଡର ମିଟ୍ କରିଛନ୍ତି। ପ୍ରାୟ ୩୪ଟି ଦେଶର ରାଷ୍ଟ୍ରଦୂତ ଏହି ବୈଠକରେ ଯୋଗ ଦେଇଥିଲେ।



ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କମିଶନର, ହାଇକମିଶନର ଓ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି। ଓଡ଼ିଶାରେ ଶିଳ୍ପ ବାତାବରଣ ଓ ପୁଞ୍ଜିନିବେଶ ପାଇଁ ସମସ୍ତଙ୍କ ସହ ସକରାତ୍ମକ ଆଲୋଚନା ହୋଇଛି। ଏଥିରେ ଆନ୍ତର୍ଜାତିକ ସହଭାଗୀତା ଭିତ୍ତିରେ ଓଡ଼ିଶାରେ କିପରି ବିଦେଶୀ ପୁଞ୍ଜି ନିବେଶ ହୋଇ ପାରିବ, ସେ ବିଷୟରେ ଆଜି ଫଳପ୍ରଦ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଁ ଆଶା କରୁଛ ୨୦୨୫ ଜାନୁଆରୀରେ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭ ଏକ ସର୍ବବୃହତ ଶିଳ୍ପ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର, ଆଇଟି, ଗ୍ରୀନ ଏନର୍ଜି, ପେଟ୍ରୋ କେମିକାଲସ, ଇଲେକ୍ଟ୍ରୋନିକସ, ଫୁଡ ପ୍ରୋସେସିଙ୍ଗ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି। ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ନିଶ୍ଚିନ୍ତ ସୁଦୃଢ ମୂଳଦୁଆ ପକାଇବ। ଆମେ ୪୦୦ ଜଣ ଉଦ୍ୟୋଗପତିଙ୍କୁ ଡାକିଥିଲୁ, କିନ୍ତୁ ୬୦୦ ଜଣ ଯୋଗଦେଇଥିଲେ। ଆମେ ସମସ୍ତ ଉଦ୍ୟୋଗପତିଙ୍କୁ ଓଡ଼ିଶା ଆମନ୍ତ୍ରଣ କରିଛୁ।

ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ ବୋଲି ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ତାହା ସଫଳ ହେବ। ଓଡ଼ିଶାର ଯେଉଁ ଡବଲ ଇଞ୍ଜିନ ସରକାର ହୋଇଛି, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶା ଏକ ଶିଳ୍ପ ହବରେ ପରିଣତ ହେବାକୁ ଯାଉଛି। ଏନେଇ ନିଶ୍ଚିତ ରୂପରେ ଆମକୁ ଆଜି ଏକ ସଫଳ ସଙ୍କେତ ମିଳି ପାରିଛି। ଏହି ନିବେଶକ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ସଚିବ ହେମନ୍ତ ଶର୍ମା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।ବର୍ତ୍ତମାନ ଦିଲ୍ଲୀରେ ଥିବା ମୁଖ୍ୟମନ୍ତ୍ରୀ ଆଜି ଦିଲ୍ଲୀରେ ପ୍ରଥମଥର ରୋଡ ଶୋ' ମଧ୍ୟ କରିବେ। ରାଜ୍ୟରେ ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଛି।

ବିଶେଷକରି ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ପ୍ରାଥମିକତା ଦିଆଯିବ । ଏଦିଗରେ ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଆଲୋଚନା କରାଯିବ । ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକରାତ୍ମକ ଇକୋସିଷ୍ଟମ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଅବଗତ କରାଇବେ। ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି । ବିଜେଡି ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା'ର ନାଁ ପରିବର୍ତ୍ତନ କରି ରାଜ୍ୟର ବିଜେପି ସରକାର ଏହାକୁ 'ଉତ୍କର୍ଷ ଓଡ଼ିଶା'ର ନାମକରଣ କରିଛନ୍ତି ।

# ଓଡ଼ିଶାରେ ୬୯୬ କଲରାପତରିଆ

ଭୁବନେଶ୍ୱର,୩।୧୦(ମହାଭାରତ): ଓଡ଼ିଶାରେ ଅଛନ୍ତି ମୋଟ୍ ୬୯୬ କଲରାପତରିଆ। ରାଜ୍ୟର ପ୍ରଥମ କଲରାପତରିଆ। ଗଣନା ରିପୋର୍ଟରୁ ଆସିଛି ଏହି ତଥ୍ୟ। ଚଳିତ ଥର ନିଜସ୍ୱ କଲରାପତରିଆ। ଗଣନା କରିଛି ବନ ବିଭାଗ। ଏନ୍‌ଟିସିଏ ରିପୋର୍ଟ ଅନୁସାରେ ୨୦୨୨ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୫୬୮ଟି କଲରାପତରିଆ। ରହିଥିଲେ। ୨୦୧୮ରେ କଲରାପତରିଆ। ବାଘ ସଂଖ୍ୟା ଥିଲା ୭୬୦ ଥିଲା।ଓଡ଼ିଶା ଜଙ୍ଗଲରେ କଲରାପତରିଆଙ୍କ ସଂଖ୍ୟା ଦୁଇ ବର୍ଷରେ ୧୨୮ ବଢ଼ିଛି। ୨୦୨୨ରେ ଥିଲେ ୫୬୮। ଆଉ ଏବେ ଅଛନ୍ତି ୬୯୬। ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ।ଯଦିଓ ରାଜ୍ୟର ନିଜସ୍ୱ ପ୍ରଥମ କଲରାପତରିଆ। ଗଣନାରେ ପୂର୍ବଥର ଅପେକ୍ଷା ସଂଖ୍ୟା ବିଢ଼ିଛି, ହେଲେ ୨୦୧୮ର ଗଣନା ତୁଳନାରେ ଢେର୍ କମ୍ ଥିବାରୁ ଏହାକୁ ନେଇ ଉଠିଛି ପ୍ରଶ୍ନ। ଖୋଦ୍ ଜଙ୍ଗଲ ମନ୍ତ୍ରୀ ବି କହିଛନ୍ତି, ଯଦିଓ ଚଳିତ ଗଣନାରେ କଲରାପତରିଆଙ୍କ ସଂଖ୍ୟା ବିଢ଼ିଛି, ତାହା ଆହୁରି ବଢ଼ିବା କଥା। ନିୟମିତ ଶିକାର ଓ ବାଘଛାଲ ଜବତ ଯୋଗୁ କଲରାପତରିଆ। ସଂଖ୍ୟା ହ୍ରାସ ପାଇଛି ବୋଲି କୁହାଯାଉଛି। ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୧୮ ଓ ୨୦୨୨ରେ ଏନ୍‌ଟିସିଏର ଗଣନା ଷ୍ଟାଟିଷ୍ଟିକଲ ମଡେଲ ଥିଲା। ସେମାନେ ଶିମିଳିପାଳ ଓ ସାତକୋଶିଆ। ଭଳି ସୀମିତ ସ୍ଥାନରେ କ୍ୟାମେରା ଲଗାଉ ଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ନିଜସ୍ୱ କଲରାପତରିଆ। ଗଣନା ବେଳେ ୪୭ଟି ଡିଭିଜନରେ କ୍ୟାମେରା ଲଗାଯାଇଥିଲା। ୨୦୧୮ ରେ ଷ୍ଟାଟିଷ୍ଟିକାଲ ଏରର ୩୫% ଥିଲା। ୨୦୧୬ ରେ ୩୩% ଏରର ହୋଇଥିଲା। ଏଥର କ୍ୟାମେରା ଟ୍ରାପରେ ୨୮୪ରୁ ୨୯୬ ବିରଳ କଲରାପତରିଆ। ଚିହ୍ନଟ ହୋଇଛନ୍ତି। ଆମର ଏଷ୍ଟିମେସନ ଷ୍ଟାଟିଷ୍ଟିକାଲ ଏରର ୧୦%ରୁ କମ। କିନ୍ତୁ ଏନ୍‌ଟିସିଏର ୟୁନିକ୍ କଲରାପତରିଆ। ସଂଖ୍ୟା ୧୦୦ ତଳେ ଥିଲା।ତଥ୍ୟ ଅନୁସାରେ, ଶିମିଳିପାଳ ଅଭୟାରଣ୍ୟ ଥିବା ମୟୂରଭଞ୍ଜ- କେନ୍ଦୁଝର ଲ୍ୟାଣ୍ଡସ୍କେପରେ ସର୍ବାଧିକ ୨୦୦ କଲରାପତରିଆ। ଅଛନ୍ତି। ସାତକୋଶିଆ- ଅାଠମଲ୍ଲିକ- ବୌଦ୍ଧ ଲ୍ୟାଣ୍ଡସ୍କେପରେ ୧୫୦ରୁ ୧୬୦, ହୀରାକୁଦ- ରେଢ଼ାଖୋଲ- ସମ୍ବଲପୁର ଲ୍ୟାଣ୍ଡସ୍କେପରେ ୭୦ରୁ ୮୦, ଖରିଆର- ସୁନାବେଡ଼ା ଅଞ୍ଚଳରେ ୪୦-୫୦ ପାଖାପାଖି ଓ ଢେଙ୍କାନାଳ ଅଞ୍ଚଳରେ ପ୍ରାୟ ୨୦ଟି କଲରାପତରିଆ। ରହିଛନ୍ତି। ଆମ ରାଜ୍ୟରେ ଘଞ୍ଚ ଜଙ୍ଗଲ ଥିବାରୁ କଲରାପତରିଆ। ବାଘ ସଂଖ୍ୟା ବଢ଼ିବାର ଆଶଙ୍କା କମ୍। କଲାପତରିଆ। ସଂଖ୍ୟେ ୭ଶହ ରୁ ୮ଶହ ରହିବ ବୋଲି ପିସିସିଏଫ୍ ଆକଳନ କରିଛନ୍ତି।



# ୟୁପିରେ ପରିବାରକୁ ହତ୍ୟା କଲେ ଦୁର୍ବୃତ୍ତ

ଲକ୍ଷ୍ନୌ,୩।୧୦(ମହାଭାରତ): ଉତ୍ତର ପ୍ରଦେଶର ଆମେଥିରେ ଘଟିଛି ଭୟଙ୍କର ଘଟଣା। ଗୋଟିଏ ସରକାରୀ ସ୍କୁଲର ଶିକ୍ଷକ, ତାଙ୍କ ପତ୍ନୀ ଓ ୨ ପିଲାଙ୍କୁ ସେମାନଙ୍କ ଭଡ଼ା ଘରେ ଅତ୍ୟନ୍ତ ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଘଟିଥିବା ଘଟଣା ପୂରା ରାଜ୍ୟକୁ ଦୋହଲାଇ ଦେଇଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆତଦିତ୍ୟନାଥ ଘଟଣାକୁ ଗୁରୁତର ସହ ନେବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ପୁଲିସ୍ ଅଧିକାରୀମାନଙ୍କୁ ଘଟଣା ସ୍ଥଳକୁ ଯାଇ ତୁରନ୍ତ ଯାଞ୍ଚ କରିବାକୁ କହିଛନ୍ତି।ମିଳିଥିବା ସୂଚନା ଅନୁସାରେ, ୩୫ ବର୍ଷୀୟ ସୁନୀଲ କୁମାର ନାମକ ଶିକ୍ଷକ ଜଣଙ୍କ ଭବାନୀ ନଗରରେ ଘର ଭଡ଼ା ନେଇ ପତ୍ନୀ ଓ ଦୁଇ ପିଲାଙ୍କ ସହ ରହୁଥିଲେ ଆଜି ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଘର ଭିତରେ ପଶି ପୂରା ପରିବାରକୁ ଗୁଳି କରି ଶେଷ କରି ଦେଇଛନ୍ତି ତେବେ ଦୁର୍ବୃତ୍ତମାନେ ତାଙ୍କୁ କାହିଁକି ହତ୍ୟା କଲେ, ସେକଥା ଜଣାପଡ଼ିଛି। ଅନୁପ ସିଂହ ନାମକ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି, ଅଜଣା ଦୁର୍ବୃତ୍ତମାନେ ଘର ଭତରେ ପଶି ଶିକ୍ଷକ, ତାଙ୍କ ପତ୍ନୀ ଓ ୨ ଝିଅ(୫ ଓ ୨ ବର୍ଷ)ଙ୍କୁ ଗୁଳି କରି ହତ୍ୟା କରିଛନ୍ତି ପ୍ରାଥମିକ ତଦନ୍ତରୁ ଲୁଟ ପାଇଁ ଏପରି ହତ୍ୟା କରାଯାଉଥିବା ଆଶଙ୍କା କରାଯାଉଛି। ଏହାବାଦ ଏସ୍‌ସି/ଏସ୍‌ଟି ଅଧୀନରେ ଶିକ୍ଷକ ଜଣଙ୍କ ଅଗଷ୍ଟ ୧୮ରେ ଚନ୍ଦନ ବର୍ମା ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ପୁଲିସ୍‌ରେ ଅଭିଯୋଗ କରିଥିଲେ।

# ଧୀରେ ବାଜିବ ଡିଜେ

କଟକ,୩।୧୦(ମହାଭାରତ): ପାର୍ବଣ ଋତୁରେ କଟକ ମହାନଗରରେ ଏଥର ଧୀରେ ଡିଜେ ବାଜିବ। ଅର୍ଥାତ ୬୫ ଡେସିବଲଠାରୁ ଅଧିକ ଜୋରରେ ଡିଜେ ବାଜି ପାରିବ ନାହିଁ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ। ଦଶହରା ପୂର୍ବରୁ ବନ୍ଦ ଓ ଅଚଳ ହୋଇ ପଡିଥିବା ସମସ୍ତ ଷ୍ଟ୍ରିଟ୍ ଲାଇଟ ମରାମତି କରିବା ପାଇଁ କୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି।

# ଉପନିର୍ବାଚନ ଚର୍ଚ୍ଚାକୁ ଖଣ୍ଡନ କଲେ ବିଧାୟିକା

ଭୁବନେଶ୍ୱର,୩।୧୦(ମହାଭାରତ); ବିଜେଡିର ଦ୍ୱିତୀୟ କ୍ଷମତା କେନ୍ଦ୍ର ଭାବେ ପରିଚିତ ପ୍ରଣବ ପ୍ରକାଶ ଦାସଙ୍କ ବୟାନ ପରେ ଯାଜପୁର ସଦର ବିଧାୟକ ସୁଜାତା ସାହୁଙ୍କ ଇସ୍ତଫା ଓ ଉପନିର୍ବାଚନ ହେବା ନେଇ ଚର୍ଚ୍ଚା ହେଉଥିଲା।ହେଲେ ଏହି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ସୁଜାତା ସାହୁୟ ଆଉ ସବୁ ଦୋଷ ଗଣମାଧ୍ୟମକୁ ଠେଲିଛନ୍ତି। କହିଛନ୍ତି, ଯାହା ଆଲୋଚନା ଓ ଚର୍ଚ୍ଚା ହେଉଛି ସବୁ ଗଣମାଧ୍ୟମରେ। ହେଲେ ଇସ୍ତଫା ଓ ଉପନିର୍ବାଚନ ନେଇ ମୁଁ କିଛି କହିନି କି ମୋ' ନେତା କହିନାହାନ୍ତି ବୋଲି ସୁଜାତା କହିଛନ୍ତି।



ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି ବିଧାୟକ ସୁଜାତା ସାହୁ କହିଛନ୍ତି, ମୋର ଇସ୍ତଫା ଦେବାର ନାହିଁ କି ପ୍ରଣବ ପ୍ରକାଶ ଦାସ ଉପନିର୍ବାଚନ ଲିବାର ନାହିଁ। କାରଣ ସେ କ୍ଷମତାଲୋଭୀ ନୁହଁନ୍ତି। ଉପନିର୍ବାଚନ ନେଇ ଯେତେବେଳେ ଗଣମାଧ୍ୟମରେ ଆଲୋଚନା ହେଉଥିଲା, ସେତେବେଳେ ମୁଁ ତାଙ୍କ(ପ୍ରଣବ)ଙ୍କ ପାଖକୁ ଯାଇଥିଲି। ସେତେବେଳେ ସେ କହିଥିଲେ, ମୋର କ'ଣ ବିଧାୟକ ହେବାର ଆବଶ୍ୟକତା ରହିଛି ? ମୁଁ କ୍ଷମତାଲୋଭୀ ନୁହେଁ ବୋଲି ପ୍ରଣବ କହିଥିବା ସୁଜାତା ପ୍ରକାଶ କରିଛନ୍ତି।

ସୁଜାତା କହିଛନ୍ତି, ମୋ ଇସ୍ତଫା ଓ ଉପନିର୍ବାଚନ ନେଇ ଯାଜପୁରରେ କେବଳ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ହେଲେ ଏହା ସତ ନୁହେଁ। ଯାହା ସବୁ ଗଣମାଧ୍ୟମରେ ଆଲୋଚନା ହେଉଛି, ତାହା କ'ଣ ସତ କି ? ମୋତେ ଯିଏ ଟିକେଟ ଦେଇଛନ୍ତି, ଯାହାଙ୍କ ପାଇଁ ଆଜି ଏ ଜାଗାରେ ପହଞ୍ଚିଛି, ତାଙ୍କ ପାଖରୁ ଏହି ସମ୍ପର୍କରେ କୌଣସି ତଥ୍ୟ ଆସିନାହିଁ। ମୁଁ ମଧ୍ୟ ସେମିତି କିଛି କହିନାହିଁ। ଏପରିକି ମୋ ନେତା ଉପନିର୍ବାଚନ ନେଇ କିଛି କହିନାହାନ୍ତି। ତେଣୁ ଯାହା ସବୁ ଆଲୋଚନା ହେଉଛି, ତାହା ମିଛ ବୋଲି ସୁଜାତା କହିଛନ୍ତି।

ସେ ଆହୁରି କହିଛନ୍ତି, ବିଜେଡି ସବୁବେଳେ ମାଆମାନଙ୍କୁ ସମ୍ମାନ ଦେଇଆସିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମୋତେ ମିଶନ ଶକ୍ତି ମାଆ। ହିସାବରେ ଟିକେଟ ଦେଇଥିଲେ। ଲଢ଼ିବା ପାଇଁ ସୁଯୋଗ ଦେଇଥିଲେ। ମୁଁ ଯାଜପୁର ପାଇଁ ଲଢ଼ିଛି। ଏଥିରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କର ସହଯୋଗ ଓ ସମର୍ଥନ ରହିଛି। ଏକଥା ସମସ୍ତେ ଜାଣିଛନ୍ତି। ସିଏ କ୍ଷମତାଲୋଭୀ ନୁହଁନ୍ତି ବୋଲି ସୁଜାତା କହିଛନ୍ତି।।

# ଓଡ଼ିଶାରେ ଆନ୍ଧ୍ରର ପୁଣି ଅନୁପ୍ରବେଶ

**ପଟ୍ଟାଙ୍ଗି,୩/୧୦ (ମହାଭାରତ):** ପଡୋଶୀ ଆନ୍ଧ୍ର ରାଜ୍ୟରେ ସରକାର ବଦଳିବା ପରେ ମଧ୍ୟ ଓଡ଼ିଶାର ସୀମାନ୍ତ ଗ୍ରାମ ମାନଙ୍କରେ ଅନୁପ୍ରବେଶ କରିବାରେ କୌଣସି ପଛଘୁଞ୍ଚା ହେଉନାହିଁ ଆନ୍ଧ୍ର ସରକାର। ଏହିପରି କାର୍ଯ୍ୟ ପୁଣିଥରେ ଦେଖିବା କୁ ମିଳିଛି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅଧିନରେ ଥିବା କୋଟିଆ। ପଞ୍ଚାୟତର ସୀମାନ୍ତ ଗ୍ରାମ ଫଗୁଣସିନେରି କ୍ଷେତ୍ରରେ।



ସାରା ଦେଶରେ ଗାନ୍ଧୀ ଜୟନ୍ତୀ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ମାନଙ୍କରେ ପାଳିତ ହେଉଥିବା ବେଳେ ସରକାରୀ ଯୋଜନା କୁ ନେଇ ମଧ୍ୟ ଗ୍ରାମସଭା ଜାରି ରହିଥିବା ସୁଯୋଗ ଉଠାଇ ପଡୋଶୀ ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ୍ ମାନ୍ୟାମ୍ ଜିଲ୍ଲାର ସାଲୁର ପ୍ରଶାସନ ଅଧିନରେ ରହିଥିବା ଓଡ଼ିଶାର ଉକ୍ତ ଗ୍ରାମ କୁ ପଞ୍ଚାୟତ ର ମାନ୍ୟତା ଦେଇ ବିଭିନ୍ନ ସରକାରୀ କାର୍ଯ୍ୟ କରୁଛି । କିନ୍ତୁ ଏହାରି ଭିତରେ ବୁଧବାର ଦିନ ଉକ୍ତ ଗ୍ରାମ ତଥା ନିଜର ପଞ୍ଚାୟତ ରେ ସାଲୁର ବ୍ଲକର କର୍ମଚାରୀ ଏବଂ ଉକ୍ତ ପଞ୍ଚାୟତ ର ପିଇଓ ପ୍ରମୁଖ ପହଞ୍ଚି ସରପଞ୍ଚ କୁନେଟି କୁସୁ ଆମ୍ମା ଙ୍କ ଉପସ୍ଥିତ ରେ ଗ୍ରାମବାସୀ ଙ୍କୁ ନେଇ ଗାନ୍ଧୀ ଜୟନ୍ତୀ ପାଳନ କରିବା ସହ ମନେରଗା କାର୍ଯ୍ୟକ୍ରମ କୁ ନେଇ ଗ୍ରାମସଭା କରି ଫେରିଛି। ଉକ୍ତ ଗ୍ରାମସଭା କାର୍ଯ୍ୟରେ ଉପସ୍ଥିତ ରହିଥିବା ଗ୍ରାମବାସୀ ଙ୍କ ଠାରୁ ବିଭିନ୍ନ ଯୋଜନା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଯାହାକି ଗ୍ରାମବାସୀ ଙ୍କ ଠାରୁ ଆସିଥିବା ପ୍ରସ୍ତାବ ଗୁଡିକ ଯେପରି କାର୍ଯ୍ୟକାରୀ ହୋଇ ପାରିବ ସେନେଇ ସାଲୁର ବ୍ଲକ ପ୍ରଶାସନ କୁ ରିପୋର୍ଟ ପ୍ରଦାନ କରି ପାର୍ବତୀପୁରମ୍ ମାନ୍ୟାମ୍ ଜିଲ୍ଲା ପ୍ରଶାସନ ର ଅନୁମୋଦନ ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଉକ୍ତ ଗ୍ରାମସଭା ରେ ଆଲୋଚନା ହୋଇଥିଲା । ସେପଟେ ଆନ୍ଧ୍ର ରାଜ୍ୟର ଏହିପରି ଅନୁପ୍ରବେଶ ଓ ଗ୍ରାମସଭା କରି ଫେରିଥିବା ସମ୍ପର୍କରେ ଓଡ଼ିଶାର ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଙ୍କୁ ପଚାରିବାରୁ ଉକ୍ତ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ଜିଲ୍ଲା ପ୍ରଶାସନ ଙ୍କୁ ଅବଗତ କରାଯିବ ବୋଲି ପ୍ରକାଶ କରିଥିଲେ।

# ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ୍

**ନୂଆଦିଲ୍ଲୀ,୩।୧୦(ପିଆଇବି):** ରେଳ କର୍ମଚାରୀଙ୍କ ପାଇଁ ଦଶହରା ଭେଟି ଦେଇଛନ୍ତି କେନ୍ଦ୍ର ସରକାର। ରେଳ ବିଭାଗରେ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୧୧,୭୨,୨୪୦ ରେଳ କର୍ମଚାରୀଙ୍କ ଲାଗି ୨୦୨୮.୫୭ କୋଟି ଟଙ୍କାର ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ୍ (ପିଏଲବି) ପ୍ରଦାନକୁ ଅନୁମୋଦନ ଓ ଘୋଷଣା କରିଛି।

ରେଳ ଧାରଣା ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର (ଗାର୍ଡ), ଷ୍ଟେସନ୍ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ହେଲପର, ପଏଣ୍ଟମ୍ୟାନ୍, ମନ୍ତ୍ରଣାଳୟ ସ୍ତରୀୟ କର୍ମଚାରୀ ଏବଂ ଅନ୍ୟ ଗ୍ରୁପ୍ ଏକ୍ସସି କର୍ମଚାରୀଙ୍କ ଭଳି ରେଳ କର୍ମଚାରୀଙ୍କୁ ଏହି ରାଶି ପ୍ରଦାନ କରାଯିବ। ପିଏଲବିର ଦେୟ ରେଳବାଇର ପ୍ରଦର୍ଶନରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବା ପାଇଁ ରେଳ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରିଥାଏ।

ଯୋଗ୍ୟ ରେଳ କର୍ମଚାରୀମାନଙ୍କୁ ପ୍ରତିବର୍ଷ ଦୁର୍ଗାପୂଜା/ ଦଶହରା ଛୁଟି ପୂର୍ବରୁ ପିଏଲବି ପ୍ରଦାନ କରାଯାଏ ଚଳିତ ବର୍ଷ ମଧ୍ୟ ପ୍ରାୟ ୧୧.୭୨ ଲକ୍ଷ ଅଣଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ଦରମା ସହ ସମାନ ପିଏଲବି ରାଶି ପ୍ରଦାନ କରାଯାଉଛି। ପ୍ରତି ଯୋଗ୍ୟ ରେଳ କର୍ମଚାରୀଙ୍କୁ ସର୍ବାଧିକ ୧୭,୯୫୧/- ଟଙ୍କା ପର୍ଯ୍ୟନ୍ତ ୭୮ ଦିନର ବେତନ ଦିଆଯିବ ଉପରୋକ୍ତ ରାଶି ରେଳ କର୍ମଚାରୀ ଯଥା ରେଳ ଧାରଣା ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର (ଗାର୍ଡ), ଷ୍ଟେସନ୍ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ହେଲପର, ପଏଣ୍ଟମ୍ୟାନ୍, ମନ୍ତ୍ରଣାଳୟ ସ୍ତରୀୟ କର୍ମଚାରୀ ଏବଂ ଅନ୍ୟ ଗ୍ରୁପ୍ 'ସି' କର୍ମଚାରୀଙ୍କୁ ପ୍ରଦାନ କରାଯିବ।୨୦୨୩-୨୦୨୪ ବର୍ଷରେ ରେଳବାଇର ପ୍ରଦର୍ଶନ ବହୁତ ଭଲ ଥିଲା। ରେଳବାଇ ୧୫୮୮ ନିୟୁତ ଟନ୍ ର ରେକର୍ଡ କାର୍ଗୋ ଲୋଡ୍ କରିଛି ଏବଂ ପାଖାପାଖି ୬.୭ ବିଲିୟନ ଯାତ୍ରୀ ପରିବହନ କରିଛି। ଚଏହି ରେକର୍ଡ ପ୍ରଦର୍ଶନରେ ଅନେକ କାରଣ ଯୋଗଦାନ କରିଥିଲେ। ରେଳବାଇରେ ସରକାରଙ୍କ ଦ୍ୱାରା ରେକର୍ଡ କ୍ୟାପେକ୍ସ ପ୍ରୟୋଗ ଯୋଗୁଁ ଭିତ୍ତିଭୂମିରେ ଉନ୍ନତି, ପରିଚାଳନାରେ ଦକ୍ଷତା ଏବଂ ଉନ୍ନତ ଜ୍ଞାନକୌଶଳ ଇତ୍ୟାଦି ଅନ୍ତର୍ଭୁକ୍ତ।

# ସୋହେଲାରୁ ଧାନ କିଣା ଆରମ୍ଭ କରିବେ ଉପମୁଖ୍ୟମନ୍ତ୍ରୀ

**ବରଗଡ଼, ୩।୧୦ (ମହାଭାରତ):** ବରଗଡ଼ ଜିଲ୍ଲା ସୋହେଲାରୁ ଆରମ୍ଭ ହେବ ଧାନ କିଣା ଯ ଚାଷୀଙ୍କ ଠାରୁ ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ କିଣିବେ। ଏନେଇ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ର୍ବଦ୍ଧନ ସିଂହଦେଓ। ସେ କହିଛନ୍ତି, ସୋହେଲାରୁ ପୂର୍ବ ସରକାର ଶହେ ଟଙ୍କା ବୋନସ ଦେବେ କହି ଚାଷୀଙ୍କୁ ଦେଇନଥିଲେ। ସୋହେଲାରୁ ହିଁ ଧାନ ଏମଏସପିରେ ୮ଶହ ଟଙ୍କା ବୋନସ ଦେଇ ଧାନ କିଣିବେ ବିଜେପି ସରକାର। ସେହିପରି ଆସନ୍ତା ଅକ୍ଟୋବର ୫ ତାରିଖରେ ଚାଷୀଙ୍କୁ ମିଳିବ ପିଏମ କିଷାନ ଯୋଜନାର ୧୮ ତମ କିସ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କୁ ପିଏମ କିଷାନ ସହାୟତା ରାଶି ବଣ୍ଟନ କରିବେ । ପ୍ରତ୍ୟକେ ଜିଲ୍ଲାସ୍ତରରେ ଚାଷୀମାନଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବ।

# ୫ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା

ନୂଆଦିଲ୍ଲୀ,୩।୧୦(ପିଆଇବି): କେନ୍ଦ୍ର କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଆଜି ପାଞ୍ଚଟି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି ମରାଠୀ, ବଙ୍ଗାଳୀ, ପାଲି, ପ୍ରାକୃତ ଏବଂ ଆସାମୀ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ପ୍ରଦାନ କରିବାକୁ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ଭାରତୀୟ ଭାଷା ଉପରେ ଧ୍ୟାନ ଦେଇଛନ୍ତି। ଅରଜି ୫ ଟି ଭାଷା ମରାଠୀ, ପାଲି, ପ୍ରାକୃତ, ଆସାମ ଏବଂ ବଙ୍ଗାଳୀକୁ ଶାସ୍ତ୍ରୀୟ ଭାଷା ଭାବରେ ଅନୁମୋଦନ କରାଯାଇଛି।

# ବଢ଼ିବ କୃଷକଙ୍କ ଆୟ

ନୂଆଦିଲ୍ଲୀ,୩।୧୦(ପିଆଇବି): କୃଷକଙ୍କ ଆୟ ଏବଂ ମଧ୍ୟବିତ୍ତଙ୍କ ଖାଦ୍ୟ ସୁରକ୍ଷା ବୃଦ୍ଧି ପାଇଁ ଏକ ବଡ ନିଷ୍ପତ୍ତି ନେଇଛନ୍ତି ମୋଦୀ ସରକାର। କେନ୍ଦ୍ର କ୍ୟାବିନେଟ ବୈଠକ ପରେ ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।କ୍ୟାବିନେଟ ନିଷ୍ପତ୍ତି ବିଷୟରେ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରାୟ ୧,୦୧,୩୨୧ କୋଟି ଟଙ୍କାର ଏହି କାର୍ଯ୍ୟକ୍ରମ ଅଧୀନରେ କୃଷକଙ୍କ ଆୟ ସହ ଜଡିତ ପ୍ରାୟ ସମସ୍ତ ପଏଣ୍ଟ ଅନ୍ତର୍ଭୁକ୍ତ ହୋଇଛି। ଏକାଧିକ ଉପାଦାନ ଥିବା ଏହା ଏକ ବହୁତ ବଡ କାର୍ଯ୍ୟକ୍ରମ ଅନେକ ଉପାଦାନ କ୍ୟାବିନେଟ୍ ଦ୍ୱାରା ପୃଥକ ସ୍କିମ୍ ଭାବରେ ଅନୁମୋଦିତ ହୋଇଛି। ଯଦି କୌଣସି ରାଜ୍ୟ କୌଣସି ବ୍ୟକ୍ତିଗତ ପ୍ରକଳ୍ପର ଡିପିଆର ଆଣନ୍ତି, ତେବେ ଏହି ଯୋଜନା ଅନୁଯାୟୀ ଅନୁମୋଦନ ହେବ। କ୍ୟାବିନେଟ ବୈଠକରେ ନିଆଯାଇଥିବା ସବୁଠାରୁ ବଡ ନିଷ୍ପତ୍ତି କୃଷକଙ୍କ ଆୟ ବୃଦ୍ଧି ଏବଂ ମଧ୍ୟବିତ୍ତ ଲୋକଙ୍କୁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ବୋଲି ସେ କହିଛନ୍ତି। ପିଏମ୍ ରାଷ୍ଟ୍ରୀୟ କୃଷ୍ଣ ବିକାଶ ଯୋଜନା' ଏବଂ କୃଷିନ୍ନୋତି ଯୋଜନା ଦ୍ୱାରା ଏହା ସମ୍ଭବ ହେବ ବୋଲି ସେ କହିଛନ୍ତି। ଏଥିସହ କେନ୍ଦ୍ର କ୍ୟାବିନେଟ୍ ୧୦,୧୦୩ କୋଟି ଟଙ୍କା ମୂଲ୍ୟର ଖାଇବା ତେଲ ଉପରେ ଜାତୀୟ ମିଶନକୁ ଅନୁମୋଦନ ଦେଇଛି। ଏହି ଯୋଜନା ଅଧୀନରେ ଥିବା ୯ଟି ଯୋଜନା ମଧ୍ୟରୁ ଏହା ଅନ୍ୟତମ ଏବଂ ଏହି ଯୋଜନା ଆଜି କ୍ୟାବିନେଟରେ ଅନୁମୋଦନ ଲାଭ କରିଛି।

## 'ଫୁଲକୋବି ଖିରି'

**ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ 'ଫୁଲକୋବି ଖିରି'।



## ଖବର

# ମୁକ୍ତିଲାଭ କଲା ଖୋକା ଭାଇ ତୁମ ପାଇଁର ଟ୍ରେଲର



ଓଡ଼ିଆ ଚଳଚ୍ଚିତ୍ର ଖୋକା ଭାଇ ତମ ପାଇଁର ଟ୍ରେଲର ଗୁରୁବାର ରାଜଧାନୀର ଏକ ତାରକା ହୋଟେଲରେ ରିଲିଜ ହୋଇଯାଇଛି । ପୂର୍ବରୁ ରିଲିଜ ହୋଇଥିବା ଗୀତ ଗୁଡ଼ିକ ଲୋକାଦୃତ ହୋଇସାରିଛି । ଆଜି ଟ୍ରେଲର ରିଲିଜ ହେବା ପରେ ଦର୍ଶକମାନଙ୍କ ମନକୁ ଛୁଇଁବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ହୋଇଛି । ଏହି ଅବସରରେ ପ୍ରଯୋଜକ ଶୁଭେନ୍ଦୁ ସାହୁ, ନିର୍ଦ୍ଦେଶକ ଗିରିଶ ମହାନ୍ତି, ଅଭିନେତା ସ୍ୱରାଜ ବାରିକ, ଅଭିନେତ୍ରୀ ଲକି ମନିଷା(ଗାଁ ନା ଗାଲୁଆ ପୁରରୁ ଆରମ୍ଭ କ୍ୟାରିୟର ), ସରୋଜ ପରିଡ଼ା, ସୁକାନ୍ତ ରଥ, ଅର୍ପଣ ମିଶ୍ର, ଅଙ୍କିତା ଦାସ (ମିଠା ମିଠା ଚଳଚ୍ଚିତ୍ରରୁ କ୍ୟାରିୟର ଆରମ୍ଭ କରିଛନ୍ତି ), ଇନ୍ଦ୍ରାଣୀ, ସଙ୍ଗୀତ ପୁନଃ ର୍ନିମାଣ କରିଥିବା ମିତ୍ରଭାନୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।ଅକ୍ଷୟ ମହାନ୍ତିଙ୍କ ଗୀତକୁ ନୂଆ ରୂପରେ ଶ୍ରୋତାମାନେ ଶୁଣିବେ। ଖୋକା ଭାଇ ହେଉଛନ୍ତି ପ୍ରତ୍ୟେକ ଓଡିଆଙ୍କର ସ୍ୱାଭିମାନ । ଓଡିଶା ବାସୀଙ୍କ ଭାବପ୍ରବଣତା ଏ ଫିଲ୍ମକୁ ଦଶହରା ବଜାରରେ ଆଗ ଧାଡିରେ ରଖିବ ଏଥିରେ ସନ୍ଦେହ ନାହିଁ । ସ୍ୱରାଜ , ନବାଗତା ଲକି ମନୀଷାଙ୍କ ସହ ଏଥିରେ ସରୋଜ ପରିଡା ଏବଂ ଉପାସନା ମୁଖ୍ୟ ଚରିତ୍ରରେ ଅଛନ୍ତି । ଓଡ଼ିଆ ଦର୍ଶକ ପ୍ରଥମ ଥର ପାଇଁ ନୂଆ ଯୋଡି ସ୍ୱରାଜ ଓ ଲକି ମନୀଷା ଙ୍କ ସହ ଅଭିନେତ୍ରୀ ଅଙ୍କିତା ଦାସ ଙ୍କୁ ମଧ୍ୟ ଦେଖିବେ। ଗାଁର ନାଁ ଖାଲୁଆପୁରରୁ ଲକି ମନୀଷା କ୍ୟାରିୟର ଆରମ୍ଭ କରିଥିବା ବେଳେ ଅଙ୍କିତା ଦାସ ମିଠା ମିଠା ଫିଲ୍ମ ରୁ ଅଭିନୟ ଆରମ୍ଭ କରିଛନ୍ତି। ଚୁମକି , ମନ ମ୍ୟୁଜିୟମ ପରେ ଏହା ଉପାସନାଙ୍କର ତୃତୀୟ ଚଳଚ୍ଚିତ୍ର ଯାହା ଦୁର୍ଗାପୂଜା ରେ ରିଲିଜ୍ ହେବ । ଏହା ପୂର୍ବରୁ ଟେଲି ଦୁନିଆରେ ନିଜ ସିରିୟଲ୍ ଗୁଡିକ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ବନେଇଚନ୍ତି ଉପାସନା ।ଖାସ୍ କରି ମାନିନୀ ସିରିୟଲରେ ତାଙ୍କ ଅଭିନୟର ପ୍ରତିଭା ଦର୍ଶକମାନେ ଦେଖିସାରିଛନ୍ତି । ଏଥର ଦେଖିବାକୁ ବାକି ରହିଲା ଉପାସନା କେଉଁ ପ୍ରକାର ଭୂମିକାରେ ଆସି ନିଜ ଫ୍ୟାନସ୍ ଏବଂ ଦର୍ଶକମାନଙ୍କୁ ଚକିତ କରୁଛନ୍ତି । ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା ରୁ ଶିକ୍ଷା ପ୍ରାପ୍ତ ଆଉ ଜଣେ ଓଡିଆ ପ୍ରତିଭା ହେଲେ ସରୋଜ ।ଏକାଧିକ ଓଡିଆ ଫିଲ୍ମରେ ନିଜର ପ୍ରତିଭା ଦେଖେଇ ଏକ ଭିନ୍ନ ଲୁକ୍ ରେ ଆସୁଛନ୍ତି ସେ ନିଜ ଅଭିନୟ ଯାଦୁରେ ମନ୍ତ୍ରମୁଗ୍ଧ କରିବେ ଦର୍ଶକଙ୍କୁ ଏଇ ସିନେମା ମାଧ୍ୟମରେ । ଖୋକା ଭାଇ ତୁମ ପାଇଁର ନିର୍ଦ୍ଦେଶନା ଦେଇଛନ୍ତି ଗିରିଶ୍ ମହାନ୍ତି ଏବଂ ତାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ଶୁଭେନ୍ଦୁ କୁମାର ସାହୁ ଓ ବିଷ୍ଣୁପ୍ରିୟା ସାହୁ। ଏଥିସହିତ ଓଲିଉଡ୍ ର ସୁପରିଚିତ ମିଡ଼ିଆ ପ୍ଲାନର ଓ କ୍ରୀଏଟିଭ୍ ହେଡ୍ ପ୍ରଣୟ ଜେଠୀ ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି।

## ବୈକୁଣ୍ଠ ଧାମର ରହସ୍ୟ

ବୈକୁଣ୍ଠ ଶବ୍ଦର ଅର୍ଥ ହେଉଛି ଯେଉଁଠାରେ କୁଣ୍ଠା ନ ଥାଏ। ଅର୍ଥାତ୍ ନିଷ୍କ୍ରିୟତା, ଅକର୍ମଣ୍ୟତା, ନିରାଶା, ହତାଶା, ଆଳସ୍ୟ ଏବଂ ଦରିଦ୍ରତା । ଏହାର ଅର୍ଥ ହେଉଛି ବୈକୁଣ୍ଠ ଧାମ ଏମିତି ଏକ ସ୍ଥାନ ଯେଉଁଠାରେ କର୍ମହୀନତା ନ ଥାଏ, ନିଷ୍କ୍ରିୟତା ନଥାଏ । କୁହାଯାଏ ଯେ, ମୃତ୍ୟୁ ପରେ ପୁଣ୍ୟ କର୍ମ କରିଥିବା ବ୍ୟକ୍ତି ସ୍ୱର୍ଗ କିମ୍ବା ବୈକୁଣ୍ଠ ଗମନ କରିଥାନ୍ତି । ହିନ୍ଦୁ ଧର୍ମ ଅନୁସାରେ କୈଳାଶ ପର୍ବତରେ ମହାଦେବ ବ୍ରହ୍ମଲୋକରେ ବ୍ରହ୍ମଦେବ ବସବାସ କରନ୍ତୁ । ସେହିପରି ଭଗବାନ ବିଷ୍ଣୁ ବୈକୁଣ୍ଠରେ ନିବାସ କରନ୍ତି। ବୈକୁଣ୍ଠ ଲୋକର ସ୍ଥିତି ତିନି ସ୍ଥାନରେ ରହିଛି । ଧରିତ୍ରୀ ଉପରେ, ସମୁଦ୍ରରେ ଏବଂ ସ୍ୱର୍ଗରେ । ବୈକୁଣ୍ଠକୁ ବିଷ୍ଣୁଲୋକ ଏବଂ ବୈକୁଣ୍ଠ ସାଗର ମଧ୍ୟ କୁହାଯାଏ । ଧରିତ୍ରୀ ଉପରେ ବଦ୍ରିନାଥ, ଜଗନ୍ନାଥ ଏବଂ ଦ୍ୱାରିକାପୁରୀକୁ ବୈକୁଣ୍ଠ ଧାନ କୁହାଯାଏ । ଚାରି ଧାମରେ ବଦ୍ରିନାଥ ଧାମକୁ ହିନ୍ଦୁମାନେ ସର୍ବଶ୍ରେଷ୍ଠ ଧାମ ରୂପେ ବିବାଚନା କରିଥାନ୍ତି । ବଦ୍ରିନାଥ ବ୍ୟକ୍ତି ଦ୍ୱାରିକାନାଥ ଏବଂ ଜଗନ୍ନାଥ ପୁରୀକୁ ମଧ୍ୟ ବୈକୁଣ୍ଠ ଧାମ କୁହଯାଏ । କୁହାଯାଏ ଯେ, ସତ୍ୟଯୁଗରେ ନାରାୟଣ ବଦ୍ରିନାଥ ଧାମର ସ୍ଥାପନା କରିଥିଲେ । ତ୍ରେତୟାଯୁଗରେ ରାମେଶ୍ୱରମ୍‌ଙ୍କ ସ୍ଥାପନ ଭଗବାନ ଶ୍ରୀରାମଙ୍କ ଦ୍ୱାରା ହୋଇଥିଲା ଏବଂ ଦ୍ୱାପରେ ଦ୍ୱାରିକାଧାମର ସ୍ଥାପନା ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଏବଂ କଳିଯୁଗରେ ଜଗନ୍ନାଥ ଧାମକୁ ବୈକୁଣ୍ଠ କୁହାଯାଏ । ତେବେ ପୁରୀର ଜଗନ୍ନାଥ ମନ୍ଦିର ସବୁଠାରୁ ପ୍ରସିଦ୍ଧ ଅଟେ । ସେହିପରି ଦ୍ୱିତୀୟ ବୈକୁଣ୍ଠରେ ଶ୍ରୀବିଷ୍ଣୁ ନିଜର ୪ ପାଟରାଣୀ ଶ୍ରୀଦେବୀ, ଭୁଦେବୀ, ନୀଳା ଏବଂ ମହାଲକ୍ଷ୍ମୀଙ୍କ ସହିତ ନିବାସ କରନ୍ତି । ଏହି ବୈକୁଣ୍ଠ ସଂପର୍କରେ କୁହଯାଏ ଯେ, ମୃତ୍ୟୁ ପରେ ବିଷ୍ଣୁଭକ୍ତମାନେ ଏହିଠାରେ ଅବସ୍ଥାନ କରନ୍ତି । ଭଗବାନ ଶ୍ରୀକୃଷ୍ଣ ଦ୍ୱାରିକା ବ୍ୟତିତ ଆଉ ଏକ ନଗର ନିର୍ମାଣ କରିଥିଲେ ଯାହାକୁ ବୈକୁଣ୍ଠ କୁହାଯାଏ । ମାନ୍ୟତା ଅଛି ଯେ, ଅରାବଳୀ ପାହାଡ଼ ଅଞ୍ଚଳରେ ବୈକୁଣ୍ଠ ଧାମ ରହିଛି । ଯେଉଁଠାରେ ସାଧାରଣ ମନୁଷ୍ୟ ନୁହନ୍ତି, କେବଳ ସାଧୁସନ୍ଥମାନେ ରହିଥାନ୍ତି। କୁହାଯାଏ ଯେ, ପରମଧାମକୁ ଯିବା ପରେ ଜୀବାତ୍ମା ସବୁଦିନ ପାଇଁ ଜୀବନ ଏବଂ ମରଣ ଚକ୍ରରୁ ମୁକ୍ତି ପାଇଥାଏ । ଏହି ଧାମ ସବୁଠାରୁ ଉପରେ ଅର୍ଥାତ୍ ସର୍ବୋଚ୍ଚ ଅଟେ । ଏଠାରେ ନା ସୁଖ ଅଛି ନା ଦୁଃଖ । ମାନ୍ୟତା ରହିଛି ଯେ, ବୈକୁଣ୍ଠ ଧାମ ପ୍ରାପ୍ତ କରୁଥିବା ଜୀବାତ୍ମା କିଛିକାଳ ପାଇଁ ଆନନ୍ଦ ଓ ସୁଖ ପ୍ରାପ୍ତି କରିଥାଏ। କିନ୍ତୁ ସୁଖ ଭୋଗ କରି ସାରିବା ପରେ ପୁଣି ମୃତ୍ୟୁଲୋକକୁ ଆସିଥାଏ ।

# ଘରେ ଲଗାନ୍ତୁ ଏହି ଗଛ, ହେବେନାହିଁ ମଶା

ବର୍ଷା ଋତୁରେ ଘଲେ ମଶାଙ୍କ ରାଜ୍ ଫ ଅଧିକାଂଶ ରୋଗର କାରଣ ହୋଇଥାନ୍ତି ମଶା ଫ ଏମାନଙ୍କୁ ରୋକିବାକୁ ଅନେକ ପ୍ରକ୍ରିୟା ଆପଣାଇଲେ ମଧ ଏଥିରୁ ବର୍ଞ୍ଚି ଯାଇଥାନ୍ତି ମଶା । ମଶାଙ୍କୁ ଏଡାଇବା ପାଇଁ ପରିଷ୍କାର ପରିଛନ୍ନତା ଆପଣାଇବା ଜରୁରୀ ଅଟେ । ଏହାବ୍ୟତୀତ ଘରେ କିଛି ଔଷଧୀୟ ଗଛ ଲଗେଇବା ଆବଶ୍ୟକ । ଆସନ୍ତୁ ଏମିତି କିଛି ଗଛ ଉପରେ ନଜର ପକେଇବା।ତୁଳସୀ ଗଛ । ଏହା ହେଉଛି ଏକ ହର୍ବାଲ ଉଦ୍ଭିଦ । ଯାହା କେବଳ ଥଣ୍ଡା ଏବଂ କାଶ ପାଇଁ ନୁହେଁ, ବରଂ ମଶାମାନଙ୍କୁ ଘରୁ ତଡ଼ିବାରେ ବେଶ୍ ସହାୟକ ହୋଇଥାଏ । ତୁଳସୀର ସୁଗନ୍ଧ ମଶା ଲାର୍ଭା



ବୃଦ୍ଧିକୁ ରୋକିଥାଏ, ଯେଉଁ କାରଣରୁ ମଶାମାନେ ଅଣ୍ଡା ଦେବାରେ ସକ୍ଷମ ହୁଅନ୍ତି ନାହିଁ ।ଆଉ ଏପରି ହେବା ଦ୍ୱାରା ସେମାନଙ୍କ ସଂଖ୍ୟା ବୃଦ୍ଧି ହୁଏ ନାହ।ଗେଣ୍ଡୁ ଫୁଲ ମଶା ଏବଂ ଅନ୍ୟ କୀଟପତଙ୍ଗଙ୍କୁ ମଧ ଘରଠାରୁ ଦୂରେଇ ରଖିଥାଏ। ପାଇରେଥ୍ରମ୍ ପରି କୀଟନାଶକ ଗେଣ୍ଡୁ ଫୁଲରେ ରହିଥାନ୍ତି । ଯାହା କୀଟପତଙ୍ଗଙ୍କ ବଂଶ ବୃଦ୍ଧି କରିବାକୁ ଦେଇ ନଥାଏ । ଏହି ଫୁଲରୁ ଆସୁଥିବା ଗନ୍ଧ ମଶାମାନଙ୍କୁ ଦୂରେଇ ଥାଏୟରସୁଣ-ଅଦା ଗଛ ଲଗାଇଲେ ମଧ ଆପଣ ମଶା ଓ ଅନ୍ୟ କୀଟପତଙ୍ଗଠାରୁ ଦୂରେ ରହିପାରିବେ।ଏହି ଉଦ୍ଭିଦର ଡାଳରୁ ଆସୁଥିବା ଦୁର୍ଗନ୍ଧ ମଶା ଏବଂ କୀଟପତଙ୍ଗଙ୍କୁ ଆସିବାକୁ ଦିଏ ନାହିଁ।ମଶା ଏବଂ ଅନ୍ୟାନ୍ୟ କୀଟମାନଙ୍କୁ ପାଖ ମଡେଇବାକୁ ଦିଏ ନାହିଁ ପୋଦିନା ଗଛ। ଉଦ୍ଭିଦର ସୁଗନ୍ଧ ମଶାମାନଙ୍କୁ ଘଉଡାଇବା ପାଇଁ ବେଶ୍ ଭଲ କାମ କରେୟଲେମନ୍ଗ୍ରାସ୍ ସହଜରେ ବଢୁଥିବା ଏକ ଉଦ୍ଭିଦ, ଯାହା ଉଦ୍ୟାନର ସୌନ୍ଦର୍ଯ୍ୟ ବଢାଇବା ବ୍ୟତୀତ ମଶା ଏବଂ କୀଟପତଙ୍ଗଙ୍କୁ ମଧ୍ୟ ଦୂରେଇ ରଖିଥାଏ।



# ଲେମ୍ବୁ ଜୁସ୍ ପିଇଲେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି



ଲେମ୍ବୁରେ ବହୁ ଔଷଧୀୟ ଗୁଣ ରହିଛି। ମଣିଷ ଶରୀରରେ ଜଳୀୟ ଅଂଶ ବୃଦ୍ଧିରେ ଲେମ୍ବୁ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଆମେ କେଉଁ କାଳରୁ ଏହି ଉପାୟକୁ ପ୍ରୟୋଗ କରି ଆସୁଛୁ। ଘରେ ଘରେ ପରିଚିତ ଏହି ଲେମ୍ବୁ ପାଣି ଏବେ କରୋନା ବିରୋଧୀ ଲଢେଇରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଛି। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ମହାମାରୀ କରୋନାକୁ ମାତ୍ ଦେବାରେ ସକ୍ଷମ ହୋଇଥାଏ। ସମଗ୍ର ବିଶ୍ୱ କରୋନା ମାୟା ଜାଲରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଲେମ୍ବୁ ପାଣିର ଉପକାରୀତା ସମ୍ପର୍କରେ ନୋଏଡା ସ୍ଥିତ ଫୋରଟ୍ସି ହସ୍ପିଟାଲର ମୁଖ୍ୟ ଡାକ୍ତର ନମୀତା ନାଦାର ଏହି ସୂଚନା ଦେଇଛନ୍ତି। ତାଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ଯେକୌଣସି ବିଦେଶୀ ଭୂତାଣୁ ବିରୋଧରେ ଲଢ଼େଇ କରିବାକୁ ସକ୍ଷମ।

**କେମିତି ପ୍ରସ୍ତୁତ କରିବେ ଲେମ୍ବୁ ସର୍ବତ:**

ପ୍ରଥମେ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଏକରୁ ଦୁଇ ଚାମଚ ଲେମ୍ବୁ ରସ ମିଶାଇବେ। ପରେ ସେଥିରେ ଗୋଟିଏ ଚାମଚର ଏକ ଚତୁର୍ଥାଂଶ ସମୁଦ୍ର ଲୁଣ ମିଶାଇବେ। ଦିନକୁ ଦୁଇ ଥର ଏହି ପାଣି ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବ। ଲେମ୍ବୁ ପାଣି ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଡାକ୍ତର ନମୀତା ନାଦାରଙ୍କ କହିବା ଅନୁସାରେ ଲେମ୍ବୁ ପାଣି ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ। ଏହା ଥଣ୍ଡା ଓ ବିଭିନ୍ନ ଭାଇରାଲ୍ ଜ୍ୱର ବିରୋଧରେ ଲଢ଼େଇ କରିଥାଏ। ମ୍ବେରେ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି, ଯାହା ଶରୀର ପାଇଁ ବହୁ ଉପକାରୀ। ଯଦି ନିୟମିତ ଭାବରେ ଲେମ୍ବୁ ଖାଉଥିବା ଓ ଲେମ୍ବୁ ପାଣି ପିଉଥିବେ, ତା'ହେଲେ ଜଣେ ବ୍ୟକ୍ତିର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ହୃଦରୋଗ ସମସ୍ୟାକୁ ବି ହ୍ରାସ କରିଥାଏ। କିଡନୀ ଷ୍ଟୋନ୍ ବିରୋଧୀ ଲଢ଼େଇରେ ଲେମ୍ବୁ ପାଣି ସଞ୍ଜିବନୀ ସାବ୍ୟସ୍ତ ହୋଇଥାଏ। ଆପଣ ଏହି ଲେମ୍ବୁ ପାଣିକୁ ସକାଳେ ପିଇ ପାରିବେ। ସେହିପରି ଏହାକୁ ଗ୍ରୀନ ଟି' ଆକାରରେ ଦିନରେ ଯେତେବେଳେ ଇଚ୍ଛା ସେତେବେଳେ ମଧ ପିଇ ପାରିବେ ବୋଲି ଡାକ୍ତର କହିଛନ୍ତି।



## ପିଜୁଳି ପତ୍ର ଓ କେଶ ଚର୍ଯା

ଫଳମୂଳ ପ୍ରତିଦିନ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଆମ ଦେଶରେ ପିଜୁଳି ଫଳର ଆଦର ଅଧିକ ଥିବାବେଳେ ଏହାର ପତ୍ରରେ ମଧ ଔଷଧୀୟ ଗୁଣ ଭରପୂର। କେଶ ଝଡ଼ାରୁ





ରକ୍ଷା ପାଇବାକୁ ଚାହୁଁଥିଲେ, ପିଜୁଳି ପତ୍ରରେ ଉପଚାର କଲେ ଲାଭ ମିଳିଥାଏ।

୧୫-୨୦ ଟି ପଜୁଳି ପତ୍ର ଆଣି ଭଲରେ ଧୋଇ ତାହାକୁ ୧ଲିଟର ପାଣିରେ ଫୁଟାଇବେ। ପରେ ଏହାକୁ ଛାଣି ଥଣ୍ଡା ହେବା ପାଇଁ ରଖିବେ। ଏହି ପିଜୁଳି ପତ୍ର ଫୁଟା ପାଣିକୁ ତୁଳାରେ ନେଇ କେଶ ମୂଳରେ ଲଗାଇବେ। ୨୦ ମିନିଟ୍ ପରେ ଶ୍ୟାମ୍ପୁ କରିବେ। କେଶ ଝଡ଼ା, ରୁପି ଇତ୍ୟାଦି ସମସ୍ୟାରୁ ଏହି ପାଣି ରକ୍ଷା କରେ।

ସପ୍ତାହରେ ୨-୩ଥର ଏହିପରି ଉପାୟରେ କେଶର ଯତ୍ନ ନିଅନ୍ତୁ। କେଶ ସଂକ୍ରମଣ ହୋଇଥିଲେ ମଧ ତହା ଦୂର ହୋଇଯିବ। ଏହି ଫୁଟା ପାଣିକୁ ଫ୍ରିଜରେ ରଖି ବ୍ୟବହାର କରିବା ଅନୁଚିତ।

ପିଜୁଳି ପତ୍ରକୁ ବାଟି ସେଥିରେ ଦହି ମିଶାଇ କେଶରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇନେବେ। କେଶ ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ଏହା ଏକ ସରଳ ଉପାୟ।

ପିଜୁଳି ପତ୍ର ଫୁଟା ପାଣି, ପତ୍ର ବଟା, ମହୁ ଅଳ୍ପ ମିଶାଇ ପ୍ୟାକ୍ କରି କେଶରେ ଲଗାଇଲେ କେଶ ରୁକ୍ଷତା ଦୂର ହେବା ସହ ଝଡ଼ିବା କମ୍ ହେଉଥିବା ପ୍ରକାଶ।

# ଗାନ୍ଧିଜୀ କେବଳ ନାମ ନୁହେଁ, ଜୀବନ ଓ ଦର୍ଶନର ଏକ ମହାନ ମାର୍ଗ

**ଭୁବନେଶ୍ୱର,୩।୧୦ (ମହାଭାରତ):** ଗାନ୍ଧିଜୀ କେବଳ ଏକ ନାମ ନୁହେଁ, ଏହା ଜୀବନ ଓ ଦର୍ଶନର ଏକ ମହାନ ମାର୍ଗ। ଗାନ୍ଧୀଜୀ କେବଳ ଦେଶକୁ ସ୍ୱାଧୀନ କରି ନଥିଲେ, ଦେଶ ତଥା ସମଗ୍ର ମାନବଜାତିକୁ ସତ୍‌ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ତାଙ୍କ ଦର୍ଶନ ଓ ପଦର୍ଶତ ମାର୍ଗର ଆଜି ବି ଅନେକ ପ୍ରାସଙ୍ଗିକତା ରହିଛି। ତେଣୁ ଯୁବପିଢ଼ି ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି।

ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ସମସ୍ତଙ୍କୁ ଏକାଠି କରି ଅହିଂସା ନାମକ ଅସ୍ତ୍ରରେ ଗାନ୍ଧିଜୀ ବିଦେଶୀ ଶାସକ ବିରୁଦ୍ଧରେ ବିଜୟ ହାସଲ କରି ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ। ସର୍ବୋଦୟ, ସ୍ୱଦେଶୀ, ଗ୍ରାମସ୍ୱରାଜ ଏବଂ ସ୍ୱଚ୍ଛତା ନେଇ ଗାନ୍ଧିଜୀଙ୍କ ବାଣୀକୁ ପାଳନ କରିବା ସହ ତାଙ୍କ ନୀତି ଓ ଆଦର୍ଶକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ




କଲେ ଆମେ ଦେଶକୁ ଶୀର୍ଷସ୍ତରକୁ ନେଇପାରିବା ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂହ କହିଲେ ଗାନ୍ଧୀବାଦ ଓ ଗାନ୍ଧୀ ଦର୍ଶନ ହିଂସା ଉପରେ ଏକ ଶକ୍ତ ପ୍ରହାର ସଦୃଶ। ମହିଳାଙ୍କୁ ସମ୍ମାନ ଓ ନିଶାମୁକ୍ତ ଭାରତର ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଆଗାମୀ ପିଢ଼ି ଆନ୍ତରିକ ଭାବେ ପାଳନ କରିବାକୁ ସେ ଅନୁରୋଧ କରିଥିଲେ। ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଏବଂ ଲେଖକ ଗୌରାଙ୍ଗ ଚରଣ ପରିଡ଼ା କହିଲେ ଯେ ସତ୍ୟ ଓ ନିର୍ଭିକତା ଅହିଂସା ରୂପକ ମୁଦ୍ରାର ଦୁଇଟି ପାର୍ଶ୍ୱ। ଅସ୍ପୃଶ୍ୟତା ନିବାରଣ, ନାରୀ ସୁରକ୍ଷା ଲକ୍ଷ୍ୟ ନେଇ ଗାନ୍ଧିଜୀ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ଭାରତକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲା। ଗାନ୍ଧିଜୀଙ୍କ ଆଦର୍ଶ ଆଜି କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସତ୍ୟ, ଧର୍ମ ଓ ନ୍ୟାୟ ଉପରେ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଆଧାରିତ ଥିଲା। ମାନବଜାତିର ଉତ୍ଥାନ ଥିଲା ତାଙ୍କ ବିଚାରଧାରାର ମୂଳମନ୍ତ୍ର। ପ୍ରାରମ୍ଭରେ ଅତିଥିମାନେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଗୌରାଙ୍ଗ ଚରଣ ପରିଡ଼ାଙ୍କ ଗାନ୍ଧିଜୀଙ୍କ ଉପରେ ରଚିତ ୩ଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ଶୈଳଭାମା ଓ ସାଥୀ କଳାକାରମାନଙ୍କ ଦ୍ୱାରା ଗାନ୍ଧୀଭଜନ ପରିବେଷିତ ହୋଇଥିଲା।

ଏହି ଅବସରରେ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋ ପ୍ରଦର୍ଶନୀକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତର ବିଭିନ୍ନ ବିରଳ ଫଟୋଚିତ୍ର ସ୍ଥାନ ପାଇଥିଲା। ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର ସିଂହ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଲିଭା ଆରତୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବାଦାମୀ ରଙ୍ଗ ହେଲା ସ୍କୁଲ୍ ୟୁନିଫର୍ମ

**ଭୁବନେଶ୍ୱର,୩।୧୦ (ମହାଭାରତ):** ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସ୍କୁଲ୍ ୟୁନିଫର୍ମର ରଙ୍ଗ ବଦଳାଇଛନ୍ତି ରାଜ୍ୟ ସରକାର। ଗତ ବର୍ଷ ଘନନୀଳ ରଙ୍ଗରୁ ଚେକ୍ ପକା ହଣ୍ଟର ଗ୍ରୀନ୍ ରଙ୍ଗର ୟୁନିଫର୍ମ କରାଯାଇଥିଲା। ଏବେ ସେହି ଚେକ୍ ସାର୍ଟ ଓ ଫୁଲ ପ୍ୟାଣ୍ଟ ପିନ୍ଧିବେ, ମାତ୍ର ରଙ୍ଗ ଅଲଗା। ଛାତ୍ରଙ୍କର ପ୍ୟାଣ୍ଟକୁ ମେରୁନ୍ ରଙ୍ଗ କରାଯାଇଥିବା ବେଳେ ସାର୍ଟକୁ ବାଦାମୀ ରଙ୍ଗର କରାଯାଇଛି।



ଛାତ୍ରୀମାନେ ବାଦାମୀ ରଙ୍ଗର ଚେକ୍ ଶାଲ୍‌ୱାର୍ ସାଙ୍ଗକୁ ମେରୁନ୍ ରଙ୍ଗର ଜ୍ୟାକେଟ୍ ଓ ସୁଟ୍ ପିନ୍ଧିବେ। ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ଅଧୀନରେ ଏହାକୁ ବଣ୍ଟନ କରାଯିବ। ଏହି ରଙ୍ଗକୁ ସରକାର ଚୂଡ଼ାନ୍ତ କରିଛନ୍ତି। ଯେଉଁ ସ୍କୁଲରେ ଚଳିତ ବର୍ଷ ୟୁନିଫର୍ମ ବଣ୍ଟନ ହୋଇପାରିନି, ସେଠାରେ ଏହି ନୂଆ ପୋଷାକ ବଣ୍ଟନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି। ଗତବର୍ଷ ଜୁଲାଇ ମାସରେ ତତ୍କାଳୀନ ରାଜ୍ୟ ସରକାର ହାଇସ୍କୁଲ ପିଲା (ନବମ ଓ ଦଶମ ଶ୍ରେଣୀ)ଙ୍କ ସ୍କୁଲ ପୋଷାକରେ ପରିବର୍ତ୍ତନ କରିଥିଲେ। ଯେଉଁଥିରେ ପୂର୍ବରୁ ଛାତ୍ରଛାତ୍ରୀମାନେ ଧଳା ରଙ୍ଗର ସାର୍ଟ ଓ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧି ସ୍କୁଲ୍ ଆସୁଥିବା ବେଳେ ୟୁନିଫର୍ମ ବଦଳାଯାଇଥିଲା।

# ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ଦିବସ

**ଭୁବନେଶ୍ୱର,୩।୧୦ (ମହାଭାରତ):** ପୂର୍ବତଟ ରେଳପଥ ଆଜି ସ୍ୱଚ୍ଛତା ଦିବସ ପାଳନ କରି ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ସହ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଦର୍ଶନକୁ ସମ୍ମାନିତ କରିଛି। ଚାଲୁରହିଥିବା ସ୍ୱଚ୍ଛତା ପକ୍ଷ୍ୟ କାର୍ଯ୍ୟକ୍ରମର



ଏକ ଅଂଶ ଭାବରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଅଛନ୍ତି। ଏହି ଅବସରରେ ଶ୍ରୀ ଫୁଙ୍କୱାଲ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଦର୍ଶନ ସହିତ ଆତ୍ମନିର୍ଭରଶୀଳତାର ଚିରସ୍ଥାୟୀ ପରମ୍ପରାକୁ ଆପଣାଇବାକୁ ରେଳପଥର କର୍ମଚାରୀ ଓ ଅଧିକାରୀ ମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବୋଧିତ କରି ଶ୍ରୀ ଫୁଙ୍କୱାଲ ସମସ୍ତଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ଅନୁସରଣ କରିବାକୁ ଅନୁରୋଧ କରି କହିଛନ୍ତି ଯେ "ଆପଣ ବିଶ୍ୱରେ ଦେଖିବାକୁ ଚାହୁଁଥିବା ପରିବର୍ତ୍ତନ ହୁଅନ୍ତୁ"। ସେ କହିଛନ୍ତି ଯେ ଆମର ପରିସର ଏବଂ ପରିବେଶକୁ ପରିଷ୍କାର ରଖିବା କେବଳ କର୍ତ୍ତବ୍ୟ ନୁହେଁ ବରଂ ଆତ୍ମନିର୍ଭର ଭାରତର ବୃହତ ଦୃଷ୍ଟିକୋଣରେ ଯୋଗଦାନ କରିବାର ଏକ ମାଧ୍ୟମ। ଶ୍ରୀ ଫୁଙ୍କୱାଲ ମଧ୍ୟ ସମଗ୍ର ଦେଶରେ ସ୍ୱଚ୍ଛତା (ସ୍ୱଚ୍ଛତା) ର ଆତ୍ମାକୁ ବଜାୟ ରଖିବାରେ ଭାରତୀୟ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ରେଳବାଇର ଲଗାତାର ପ୍ରୟାସ ମାଧ୍ୟମରେ ଷ୍ଟେସନ, ଟ୍ରେନ୍, ପ୍ଲାଟଫର୍ମ ଏବଂ ଚଳପ୍ରଚଳ ଅଂଚଳରେ ସ୍ୱଚ୍ଛତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଯାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ଏକ ପରିଷ୍କାର ଏବଂ ପାରିଛନତାର ପରିବେଶ ସୁନିଶ୍ଚିତ କରି ପୂର୍ବତଟ ରେଳପଥ ଏହି ପଦକ୍ଷେପର ଆଗରେ ରହିଛି।

ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରିବାରେ ସ୍ୱଚ୍ଛତା ପକ୍ଷ୍ୟ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି । ଏହା ଏକ ସ୍ୱଚ୍ଛ ଭାରତର ବାର୍ତ୍ତା ପ୍ରସାର କରି ରେଳ କର୍ମଚାରୀ, ରେଳ ଯାତ୍ରୀ ଏବଂ ସାଧାରଣ ଜନତାଙ୍କ ଦ୍ୱାରା ବ୍ୟାପକ ଅଂଶଗ୍ରହଣକୁ ଆକର୍ଷିତ କରିଥାଏ ।

# ଗାନ୍ଧିଜୀଙ୍କ ପଦ ସ୍ପର୍ଶରେ ତେଲେଙ୍ଗାପେଣ୍ଠର ମାଟି ପବିତ୍ର ହୋଇଛି

**ଭୁବନେଶ୍ୱର,୩।୧୦ (ମହାଭାରତ):** ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପଦସ୍ପର୍ଶ ପାଇ ତେଲେଙ୍ଗାପେଣ୍ଠର ମାଟି ପବିତ୍ର ହୋଇଛି। ସେହି ମହାନ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଆଜି ତେଲେଙ୍ଗାପେଣ୍ଠ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନରେ ଯୋଗଦେଇ ସେ କହିଛନ୍ତି ଯେ ମହାତ୍ମା ଗାନ୍ଧି ହେଉଛନ୍ତି ସମଗ୍ର ମାନବ ଜାତିର ସଂପଦ। ସମଗ୍ର ବିଶ୍ୱର ଆଦର୍ଶ। ତାଙ୍କ ଜୀବନ ଥିଲା ସତ୍ୟ ସହ ନିରନ୍ତର ପରୀକ୍ଷା। ତାଙ୍କର ଆଦର୍ଶରେ ଚାଲିବା ଏବଂ ଦେଶ ପାଇଁ ତାଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ସାକାର କରିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀ ଓଡ଼ିଶାକୁ ଅତ୍ୟଧିକ ଭଲ ପାଉଥିବା କାରଣରୁ ସେ ଏକାଧିକ ଥର ଓଡ଼ିଶାକୁ ଆସିଥିଲେ। ଓଡ଼ିଶାକୁ ସେ କେବଳ ଭଲ ପାଉନଥିଲେ, ଓଡ଼ିଶା ତାଙ୍କର ହୃଦୟ ଓ ମନକୁ ଆଲୋଡିତ



କରିଥିଲା। ଗାନ୍ଧିଜୀଙ୍କର ଗୋଟିଏ ସ୍ମରଣୀୟ ବାକ୍ୟ ଥିଲା-'ଓଡ଼ିଶା ହେଉଛି ମୋର ପ୍ରେମର ଭୂମି'। ଗାନ୍ଧିଜୀ ଥିଲେ ଅଲୌକିକ ସାହସର ପରମ୍ପରା। ସତ୍ୟ ଥିଲା ତାଙ୍କର ସନ୍ଦେଶ। ଗାନ୍ଧିଙ୍କ ଜୀବନ, ତ୍ୟାଗ ଓ ତପସ୍ୟା ତାଙ୍କୁ ମହାନ୍ ଓ ବରେଣ୍ୟ କରି ଗଢ଼ି ତୋଳିଥିଲା। ଗାନ୍ଧିଜୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ହୃଦୟ ପରିବର୍ତ୍ତନ। ତାଙ୍କ ପାଖରେ ମନୁଷ୍ୟତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସତ୍ୟ, ଅହିଂସା ଓ ଅସହଯୋଗ ବଳରେ ଜୀବନର ସବୁ ପ୍ରତିକୂଳ ପରିସ୍ଥିତିର ଆହ୍ୱାନକୁ ସାମ୍ନା କରି ଗାନ୍ଧିଜୀ ପ୍ରମାଣ କରିଛନ୍ତି ଯେ ଏସବୁ ବଳରେ ସଫଳତା ସମ୍ଭବ। ତାଙ୍କ ଜୀବନ କାହାଣୀ ହେଉଛି 'ସତ୍ୟ ସହିତ ନିରନ୍ତର ପରୀକ୍ଷା'। ସେ କହିଥିଲେ ଯେ ସାରା ଦେଶରେ ମୋଦୀଜୀଙ୍କ ନେତୃତ୍ୱରେ ଏବଂ ଓଡିଶାରେ ଆମ ସରକାର ଗାନ୍ଧିଜୀଙ୍କ ପ୍ରକୃତ ଆଦର୍ଶ ଓ ଲକ୍ଷ୍ୟକୁ ପୂରଣ କରିବା ପାଇଁ କାମ କରୁଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ଥିଲା ଗାନ୍ଧୀଜୀଙ୍କ ଆଦର୍ଶ। ସେ କହୁଥିଲେ ଯେ ଯେଉଁଠାରେ ସ୍ୱଚ୍ଛତା ଥାଏ, ସେଠାରେ ଭଗବାନ ବାସ କରନ୍ତି। ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦାୟିତ୍ୱ ଗ୍ରହଣ କଲେ, ତାଙ୍କର ପ୍ରଥମ ବଡ ଅଭିଯାନ ଥିଲା ସ୍ୱଚ୍ଛ ଭାରତ। ସ୍ୱଚ୍ଛ ଭାରତ ଅଭିଯାନକୁ ଆଜି ୧୦ ବର୍ଷ ହୋଇଗଲାଣି। ଦେଶ ଆଜି ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଦିଶୁଛି। ହଜାର ହଜାର ଗାଁରେ ଲକ୍ଷ ଲକ୍ଷ ଲୋକଙ୍କ ଘରେ ଆଜି ଟଏଲେଟ୍ ଅଛି। ସ୍ୱଚ୍ଛତା ଅଭିଯାନ ଆଜି ଦେଶରେ ଏକ ସଫଳ ଆନ୍ଦୋଳନରେ ପରିଣତ ହୋଇଛି। ଗାନ୍ଧୀଜୀଙ୍କ ପ୍ରକୃତ ଲକ୍ଷ୍ୟ ମୋଦୀଜୀ ହିଁ ପୂରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଗାନ୍ଧୀଜୀଙ୍କର ଆଉ ଏକ ସ୍ୱପ୍ନ ଥିଲା ସମାଜର ଶେଷ ଧାଡିର ଥିବା ଲୋକର ବିକାଶ ଓ କଲ୍ୟାଣ। ଆଜି ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାସନ ମିଳୁଛି। ଗାଁ ଗାଁ ରେ ପକ୍କା ସଡକ, ପିଇବା ପାଣି, ବିଜୁଳି - ଏପରିକି ଇଣ୍ଟରନେଟ୍ ସୁବିଧା ମଧ୍ୟ ମିଳିପାରୁଛି। ଗାନ୍ଧୀଜୀ କହିଥିଲେ ଗାଁର ବିକାଶ ହେଲେ, ଦେଶର ବିକାଶ ହୋଇପାରିବ। ଆଜି ମୋଦୀଜୀଙ୍କ ନେତୃତ୍ୱରେ ଭାରତର ଗାଁ ଗୁଡିକ ଦେଶର ବିକାଶକୁ ଆଗେଇ ନେଉଛନ୍ତି।

# ମହିଳାଙ୍କୁ ଦୁଷ୍କର୍ମ ଘଟଣାରେ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩।୧୦ (ମହାଭାରତ):** ଦୁଇ ଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଘଟିଥିଲା ଲଜ୍ଜା ଜନକ ଘଟଣା। ବିଳମ୍ବିତ ରାତିରେ ଘରେ ପଶି ଦୁଇ ଅଭିଯୁକ୍ତ ଜଣେ ମହିଳାଙ୍କୁ ତାଙ୍କ ଝିଅ ଆଗରେ ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସମ୍ନାକୁ ଆସିବା ପରେ କମିଶନରେଟ ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ମୋଟ ୩ ଜଣଙ୍କୁ ଆଜି ଗିରଫ କରିଛି।

ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଆଜି ଏଠାରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣାରେ ଗିରଫ ହୋଇଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ସେଦିନ ଆପାର୍ଟମେଣ୍ଟର ସେହି ଘରେ ବାଲକୋନି କବାଟ ବାଟ ଦେଇ ଘରେ ପ୍ରବେଶ କରି ଅପରାଧ ଘଟାଇଥିଲେ। ଅନ୍ୟ ଜଣେ ବାହାରେ ରହି ସେମାନଙ୍କୁ ଏହି କାର୍ଯ୍ୟରେ ସହାୟତା କରିଥିଲେ।

ମୈତ୍ରି ବିହାରର ୫ ତାରକା ଆପାର୍ଟମେଣ୍ଟରେ ରହୁଥିଲେ ଟୁକୁନା ନାୟକ। ସେ ପେଶାରେ ଜଣେ ଅଟୋ ଚାଳକ। ତାଙ୍କର ସାଙ୍ଗ ହେଉଛନ୍ତି ବିକାଶ ନାୟକ। ପୂର୍ବରୁ ସେ ସେହି ଆପାର୍ଟମେଣ୍ଟରେ ରହୁଥିବା ବେଳେ ଏବେ କିନ୍ତୁ ଅନ୍ୟ ଅଞ୍ଚଳରେ ରହୁଛନ୍ତି। ସିଏ ହେଉଛନ୍ତି ଜଣେ ଡ୍ୟାନ୍ସର। ଆଉ ତାଙ୍କର ସାଙ୍ଗ ହେଉଛନ୍ତି ଜଗା ସିଂ। ସିଏ ହେଉଛନ୍ତି ଜଣେ ଗ୍ଲାସ୍ ଇଣ୍ଟେରିୟର ମିସ୍ତ୍ରୀ। ଯେହେତୁ ଏମାନଙ୍କର ବନ୍ଧୁତା ଥିଲା, ତେଣୁ ବିକାଶ ଓ ଜଗା ନିୟମିତ ଟୁକୁନାଙ୍କ ଫ୍ଲାଟକୁ ଯିବା ଆସିବା କରୁଥିଲେ। ତେଣୁ ତାଙ୍କୁ ସିକ୍ୟୁରିଟି ଗାର୍ଡ କେବେ ଅଟକାଉନଥିଲେ କି ପ୍ରଶ୍ନ କରୁନଥିଲେ। ଏହି ଯିବା ଆସିବା ଭିତରେ ଆପାର୍ଟମେଣ୍ଟରେ ଏକୁଟିଆ ରହୁଥିବା ବ୍ୟକ୍ତିଙ୍କ ଉପରେ ନଜର ପକାଉଥିଲେ ବିକାଶ ଓ ଜଗା।

ଅଭିଯୋଗ ଅନୁସାରେ ଗତ ୨୯ ତାରିଖ ବିଳମ୍ବିତ ରାତିରେ ବିକାଶ ଓ ଜଗା ଆପାର୍ଟମେଣ୍ଟରେ ଏକୁଟିଆ ରହୁଥିବା ମହିଳାଙ୍କ ଘରକୁ ଯାଇଥିଲେ। ଆଉ ମହିଳାଙ୍କ ଘରୁ ଗୋଟିଏ ମୋବାଇଲ୍ ଚୋରି କରି ଆଣିଥିଲେ। ଖାଲି ମୋବାଇଲ୍ ଚୋରି କରିନଥିଲେ, ମହିଳାଙ୍କ ଘରର ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କରି ଆସିଥିଲେ। ଚୋରି ପରେ ବିକାଶ ଓ ଜଗା ଉଭୟ ଟୁକୁନାଙ୍କ ରୁମକୁ ଆସିଥିଲେ। ଚୋରି ନେଇ ପୂରା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ।

୩୦ ତାରିଖରେ ରାତି ପ୍ରାୟ ୨ଟା ହେବ, ମହିଳା ଜଣକ ନିଜ ଝିଅ ସହ ଘରେ ନିଘୋଡ଼ ନିଦରେ ଶୋଇ ପଡ଼ିଥିଲେ। ଠିକ୍ ସେହି ସମୟରେ ବିକାଶ ଓ ଜଗା ବାଲକୋନୀ ଗ୍ରୀଲ୍ ଦେଇ ଘରେ ପଶିଥିଲେ। ଆଉ ଘର ବାହାରେ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡକୁ ଜଗି ରହିଥିଲେ ଟୁକୁନା। ପ୍ରଥମେ ସେମାନେ ମହିଳାଙ୍କୁ ପରିବା କଟା ଛୁରୀ ଦେଖାଇ ତାଙ୍କଠାରୁ ୨ଟି ମୋବାଇଲ ଓ ହଳେ କାନଫୁଲ ଚୋରି କରିଥିଲେ। ତା'ପରେ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ରାତିରେ ଜଣେ ପରେ ଜଣେ ଦୁଷ୍କର୍ମ କରିଥିଲେ। ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଧରି ଉଭୟ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏଥିସହ ଘଟଣା ପ୍ରଘଟ କଲେ ଝିଅକୁ ହତ୍ୟା କରାଯିବ ବୋଲି ଧମକ ମଧ୍ୟ ଦେଇ ଆସିଥିଲେ।

ରାତି ପାହିଲା ପରେ ପୀଡ଼ିତା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ୍ ଆଧାରରେ କମିଶନରେଟ୍ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତାଙ୍କ ବୟାନ୍ ରେକର୍ଡ କରିବା ସହିତ ଦୁଷ୍କର୍ମ ହୋଇଥିବା ଘରେ ଯାଞ୍ଚ କରିଥିଲା। ଏଥିସହ ଗେଟରେ ଜଗି ରହିଥିବା ସିକ୍ୟୁରିଟି ଗାର୍ଡକୁ ଜେରା କରିଥିଲା। ଖାଲି ସେତିକି ନୁହେଁ, ଆପାର୍ଟମେଣ୍ଟରେ ରହୁଥିବା କିଛି ଲୋକଙ୍କୁ ମଧ୍ୟ ସନ୍ଦେହରେ ଜେରା କରିଥିଲା। ସେହି ସମୟରେ ଅଟୋ ଚାଳକ ଟୁକୁନା ସନ୍ଦେହ ଘେରକୁ ଆସିଥିଲେ। ତା'ପରେ ପୁଲିସ୍ ବିକାଶ ଓ ଜଗାଙ୍କୁ ଧରିବାରେ ସଫଳ ହୋଇଥିଲା। ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂଙ୍କ କହିବା ଅନୁସାରେ ବିକାଶ ଓ ଜଗା ହେଉଛନ୍ତି ପେସାଗତ ଅପରାଧୀ। ବିକାଶ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ୭ଟି ମାମଲା ରହିଛି।

# ଭାରତ ବର୍ଷରେ ଗାନ୍ଧୀ ବାଦକୁ ମାରିବା ପାଇଁ ଚକ୍ରାନ୍ତ ଚାଲିଛି

**ଭୁବନେଶ୍ୱର,୩।୧୦ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅହିଂସାର ପୂଜାରୀ, ଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ ଜାତୀର ଜନକ ମହାତ୍ମା ଗାନ୍ଧୀଙ୍କର ୧୫୫ ତମ ଜୟନ୍ତୀ ଉତ୍ସବ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ନାଲକୋ ଛକ ନିକଟସ୍ଥ ମହାତ୍ମା ଗାନ୍ଧୀ ପାର୍କରେ କଂଗ୍ରେସ ନେତୃବୃନ୍ଦ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଏକ ଶାନ୍ତି ପ୍ରଭାତ ଫେରୀ ପଦଯାତ୍ରା ବାହାରି ରାମଧୂନ ଗାନ ସହ କଂଗ୍ରେସ ଭବନ ଠାରେ ପଂହଚିଥିଲା। ପିସିସି କାର୍ଯ୍ୟାଳୟ ଠାରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ପ୍ରତିମୂର୍ତ୍ତିରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପିସିସି କାର୍ଯ୍ୟାଳୟ ଠାରେ "ମହାତ୍ମା ଗାନ୍ଧୀ ଓ ଆର୍ନ୍ତଜାର୍ତିକ ଅହିଂସା ଦିବସ" ଶୀର୍ଷକ ଏକ ଆଲୋଚନା ଚକ୍ର ପୂର୍ବତନ ସାଂସଦ ତଥା ସଂଯୋଜକ ଅନନ୍ତ ପ୍ରସାଦ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପ୍ରଫେସର ଶ୍ରୀ ଦାସ ବେନେହୁର ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ଭାରତ ବର୍ଷରେ ଗାନ୍ଧୀ ବାଦକୁ ମାରିଦେବା ପାଇଁ ପ୍ରକାରାନ୍ତରେ ଯେତେବେଳେ ଚକ୍ରାନ୍ତ ଚାଲିଛି ସେତିକିବେଳେ ବିଶ୍ୱବାସୀ ଗାନ୍ଧୀ ବାଦକୁ ଆପଣାଇ ନେଇଛନ୍ତି। ଗାନ୍ଧୀ ସବୁଠାରୁ ଏକ ବଡ଼କଥା କହୁଥିଲେ ମୁଁ ଅହିଂସାରେ ବିଶ୍ୱାସ କରେ କିନ୍ତୁ ଏହା ଦୁର୍ବଳତାର ଅହିଂସା ନୁହେଁ ଅହିଂସା ସବଳର ଆୟୁଦ୍ଧ ଭାବେ କାର୍ଯ୍ୟ କରୁ ଏହାହିଁ ମୁଁ ହୃଦୟରୁ ଚାହିଁଥାଏ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ ମହାତ୍ମା ଗାନ୍ଧୀ ଏଭଳି ଜଣେ ମଣିଷ ଥିଲେ ଯାହାର ସ୍ୱର ଅତ୍ୟନ୍ତ କ୍ଷୀଣ ଥିଲା କିନ୍ତୁ ବାକ୍ୟର ଗାମ୍ଭୀର୍ଯ୍ୟତା ଓ ପ୍ରୟୋଗ ଅନ୍ୟମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା। କାର୍ଯ୍ୟକ୍ରମକୁ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପରିଚାଳନା କରିଥିଲେ ଓ ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଂଟିଆ, ମହମ୍ମଦ ମୋକିମ, ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନଗୋ, ଡ. ବିଶ୍ୱରଞ୍ଜନ ମହାନ୍ତି, ନଗେନ୍ଦ୍ର ପ୍ରଧାନ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ଜେନା, ଶ୍ରୀନିବାସ ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଜେବି ଫ୍ରେଣ୍ଡ୍ସ ଦ୍ୱାରା ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ




**ଭୁବନେଶ୍ୱର,୩।୧୦ (ମହାଭାରତ):** ଯୁବ ପିଢୀ ମାନଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଙ୍କ ନୀତି ଓ ଆଦର୍ଶର ବାର୍ତ୍ତା ପହଞ୍ଚାଇବାକୁ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଆର୍ଥିକ ସହାୟତାରେ ଓ ବିଜେବି କଲେଜ ପୂର୍ବତନ ଛାତ୍ରଛାତ୍ରୀ ସଂଘ 'ବିଜେବି ଫ୍ରେଣ୍ଡ୍ସ' ଆନୁକୁଲ୍ୟରେ ବିଜେବି କଲେଜରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଉକ୍ତ ଉତ୍ସବରେ କବି ତଥା ବିଶିଷ୍ଟ ଲେଖକ ହରପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକ ପାତ କରିଥିଲେ। ବିଶିଷ୍ଟ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚନ୍ଦ୍ର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଉଦ୍-ବୁଦ୍ଧ ହେବା ପାଇଁ ଉପଦେଶ ଦେଇଥିଲେ। ଏତଦ୍ ବ୍ୟତୀତ ବିଜେବି କଲେଜର ଅଧକ୍ଷା ଶ୍ରୀମତୀ ଇତିଶ୍ରୀ ପାଢୀ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ୍ ରସିଦ୍ ଖାନ୍ ଓ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଜେନେରାଲ ମ୍ୟାନେଜର ସର୍ବେସ ରଞ୍ଜନ ଅତିଥି ରୂପେ ଯୋଗଦେଇ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ଦେଇଥିଲେ। ଉତ୍ସବରେ ପୂର୍ବରୁ ମହାତ୍ମାଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ କରାଯାଇଥବା ଆନ୍ତଃ ମହାବିଦ୍ୟାଳୟ ସ୍ଥରୀୟ ରଚନା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗୀତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ନଗଦ ରାଶି, ମାନପତ୍ର ତଥା ଫଳକ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା।

ଉକ୍ତ ଉତ୍ସବରେ ବିଜେବି ଫ୍ରେଣ୍ଡ୍ ର ସଭାପତି ସଭାପତି ଦେବାଶିଷ ପଟ୍ଟନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଓ ସଂପାଦକ ସତ୍ୟବ୍ରତ ଧୂପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ସର୍ବଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, କେଦାର ପଟ୍ଟନାୟକ, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଦୀପ ସାମଲ ଓ ବିଶ୍ୱନାଥ ମହାନ୍ତି, ଶୁଭଦର୍ଶୀନି ମିଶ୍ର, ସିଦ୍ଧାର୍ଥ ଶେଖର ସିଂହ ତଥା କଲେଜ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏ ଉତ୍ସବକୁ ଅଧ୍ୟାପିକା ଡକ୍ଟର ନମିତା ପଟ୍ଟନାୟକ ଓ ବିଭାବରୀ ବଳ ପରିଚାଳନା କରିଥିଲେ।

# ପୁନଶ୍ଚ ପୃଥିବୀ ସମ୍ମିଳନୀ ଉଦଘାଟିତ

**ଭୁବନେଶ୍ୱର,୩।୧୦ (ମହାଭାରତ):** କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଭୁବନେଶ୍ୱରରେ ଆୟୋଜିତ ପୁନଶ୍ଚ ପୃଥିବୀ ସମ୍ମିଳନୀର ଉଦଘାଟନୀ ସମାରୋହକୁ ସମ୍ବୋଧିତ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ଉପରେ ମତ ରଖି କେନ୍ଦ୍ର ମନ୍ତ୍ରୀ କହିଥିଲେ, ତିନୋଟି ପ୍ରମୁଖ କାରଣରୁ ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି। ବିକାଶ, ନୂଆ ଜ୍ଞାନକୌଶଳ ଏବଂ ଲଗାତାର ଜୈବବିବିଧତାର କ୍ଷୟ କାରଣରୁ ବିଶ୍ୱ ଉତ୍ତାପନ ବଢୁଛି। ଭବିଷ୍ୟତ ପିଢ଼ି ପାଇଁ ଏହା ବିପଜ୍ଜନକ ବୋଲି ସେ କହିଥିଲେ।

ପୃଥିବୀର ସୁରକ୍ଷା ପାଇଁ ଅଙ୍ଗାରକାମ୍ଳ ନିର୍ଗମନକୁ ଶୂନ୍ୟସ୍ତରକୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ହୋଇଥିବା ସହମତି ଅନୁରୂପ ସବୁ ଦେଶ ନିଜ ନିଜର ପରିବେଶ ମୁତାବକ ନେଟ୍ ଜିରୋ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବା ବର୍ତ୍ତମାନ ସମୟର ଆବଶ୍ୟକତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ପରିବେଶ ଅନୁକୂଳ ଜୀବନଶୈଳୀ ବା ମିଶନ ଲାଇଫ୍ ଉପରେ କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଏହି ଦୂରଦୃଷ୍ଟି ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ଲାଗି ସାରା ବିଶ୍ୱ ପାଇଁ ଏକ ଉପଯୁକ୍ତ ମାର୍ଗ। ପରିବେଶ ସଂରକ୍ଷଣ ପାଇଁ ଭାରତ ସରକାର ଗ୍ରହଣ କରିଥିବା ପଦକ୍ଷେପ ବିଷୟରେ ସୂଚନା ଦେଇ ଶ୍ରୀ ଯାଦବ କହିଥିଲେ, ପ୍ୟାରିସ ଜଳବାୟୁ ରାଜିନାମାରେ ଭାରତ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଛି। ଭାରତ ନିଜର ଅଙ୍ଗାରକାମ୍ଳ ନିର୍ଗମନ ପରିମାଣକୁ ୨୦୦୫ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ଜିଡିପିର ୪୫ ପ୍ରତିଶତ ସ୍ତରକୁ ଆଣିବା ଲାଗି ପ୍ରତିଶ୍ରୁତି ଦେଇଛି। ସେହିପରି ଅଣଜୀବାଶ୍ମ ଆଧାରିତ ଇନ୍ଧନ ଉତ୍ସରୁ ୫୦% ବିଦ୍ୟୁତ ଉତ୍ପାଦନ କରିବାକୁ ଦେଶ ଲକ୍ଷ୍ୟ ଧାର୍ଯ୍ୟ କରିଛି ବୋଲି ଶ୍ରୀ ଯାଦବ କହିଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ, ସଂକଟରୁ ସମାଧାନ ବାହାର କରିବା ପ୍ରତି ସରକାର ଯତ୍ନବାନ ଅଛନ୍ତି। ଗାନ୍ଧୀଜୀଙ୍କ ନୀତିଆଦର୍ଶକୁ ଅନୁସରଣ କରି ସ୍ୱଚ୍ଛତା, ସହିଷ୍ଣୁତା ଓ ସ୍ଥାନୀୟତା ପ୍ରତି ସମସ୍ତେ ଗୁରୁତ୍ୱ ଦେବା ଜରୁରି। ପୃଥିବୀରେ ସମସ୍ତଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଯଥେଷ୍ଟ ସମ୍ବଳ ରହିଛି, କିନ୍ତୁ ଏହାର ଶୋଷଣ କରାଯିବା ଉଚିତ୍ ନୁହେଁ ବୋଲି ବାପୁ ଦେଇଥିବା ଆହ୍ୱାନକୁ ସମସ୍ତେ ଆପଣାଇବା ଉଚିତ୍।

ପୁନଶ୍ଚ ପୃଥିବୀ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଓ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସମେତ ବହୁ ପରିବେଶବିତ, ବୁଦ୍ଧିଜୀବୀ ଏବଂ ଗବେଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବେଶ ସଂରକ୍ଷଣ କ୍ଷେତ୍ରରେ କାମ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ବିଜେପି-ଜେଜେପି ମତପାର୍ଥକ୍ୟ

ହରିୟାନରେ ଆପର ବିଶେଷ ପ୍ରଭାବ ନାହିଁ। କିନ୍ତୁ ଦିଲ୍ଲୀର ପଡ଼ିଶା ହୋଇଥିବାରୁ ହରିୟାନାରେ ଆପ କିଛି ଭୋଟ ହାତେଇବା ଆଶା କରାଯାଉଛି। ଏହା କଂଗ୍ରେସର କ୍ଷତି କରିବ। କାରଣ ଆପ ହେଉଛି ଏକ ଅଣବିଜେପି ଦଳ ଏବଂ ଏହା ଯେତିକି ଭୋଟ ପାଇବ ତାହା କଂଗ୍ରେସ ଭୋଟକୁ କମାଇବ। ବର୍ତ୍ତମାନ ପରିସ୍ଥିତିରେ କଂଗ୍ରେସ ଆଉ ସାମାନ୍ୟ ରିସ୍କ ନେବାକୁ ଚାହୁଁନି। ମାତ୍ର ୧ ପ୍ରତିଶତ ଭୋଟ ପାଇଁ ଦଳକୁ ପୁଣି କ୍ଷମତା ହରାଇବାକୁ ପଡ଼ିପାରେ। ତେଣୁ ଆପ ସହ ଆସନ ବୁଝାମରା ଲାଗି କଂଗ୍ରେସ ଏବେ ଆଗ୍ରହ ପ୍ରକାଶ କରିଛି। ଏହା କେତେଦୂର ବାସ୍ତବତାରେ ପରିଣତ ହେବ ତାହା ଭିନ୍ନ କଥା। କିନ୍ତୁ କଂଗ୍ରେସ ଏକାକି ଲଢ଼ି ବିଜେପିକୁ ପରାଜିତ କରିବାକୁ ସକ୍ଷମ ନୁହେଁ ବୋଲି ଅନୁଭବ କରୁଥିବା ସ୍ପଷ୍ଟ ହୋଇଯାଇଛି। ଅପେକ୍ଷାକୃତ ଏକ ଛୋଟ ରାଜ୍ୟ ହୋଇଥିଲେ ମଧ୍ୟ ହରିୟାନା ଜାତୀୟ ରାଜନୀତିରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କାରଣ ଏହା ଉତ୍ତର ଭାରତର ହିନ୍ଦି ଭାଷାଭାଷି ଅଞ୍ଚଳର କେନ୍ଦ୍ର ସ୍ଥଳରେ ରହିଛି। ଦିଲ୍ଲୀ, ୟୁପି, ପଞ୍ଜାବ, ହିମାଚଳ ପ୍ରଦେଶ ଏହାର ସୀମାକୁ ଲାଗିଛି। ହରିୟାନା ରାଜନୀତିର ପ୍ରଭାବ ଦିଲ୍ଲୀରେ ପଡ଼ିଥାଏ। ଅତୀତରେ ଚୌଧୁରୀ ଦେବୀଲାଲଙ୍କ ଭଳି ଜାତୀୟ ସ୍ତରର ନେତା ହରିୟାନାରୁ ଆସି ଦେଶର ଉପ-ପ୍ରଧାନମନ୍ତ୍ରୀ ହୋଇଥିଲେ। ହରିୟାନା ଏକ କୃଷି ପ୍ରଧାନ ଏବଂ ଏକ ସମୃଦ୍ଧ ରାଜ୍ୟ। ହରିୟାନା ଦେଶର ଖାଦ୍ୟ ଭଣ୍ଡାର ଭରିବାରେ ବଡ଼ ଭୂମିକା ନେଇଥାଏ। ଉତ୍ତର ଭାରତର ରାଜନୀତି ଅନେକାଂଶରେ କୃଷକଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ସେ ଦୃଷ୍ଟିରୁ ଉତ୍ତର ଭାରତୀୟ ରାଜନୀତିରେ ହରିୟନାର ବଡ଼ ଭୂମିକା ରହିଛି। ରାଜ୍ୟରେ ଅତୀତରେ କଂଗ୍ରେସ ବନାମ ଦେବୀ ଲାଲଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକ ଦଳ (ଆଇଏନଏଲଡି) ମଧ୍ୟରେ ହେଉଥିଲା। କିନ୍ତୁ ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ବିଜେପିର ପ୍ରଭାବ ବଢ଼ିଛି ଏବଂ ଏହା ଏବେ ଶାସନ କ୍ଷମତାରେ ରହିଛି। କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ହୋଇଥିବା ବେଳେ ଲୋକ ଦଳ ତିନି ଭାଗରେ ବିଭକ୍ତ ହୋଇଛି। ଜେଲରେ ଥିବା ଓମ ପ୍ରକାଶ ଚୌତାଲାଙ୍କ ନେତୃତ୍ୱରେ ଆଇଏନଏଲଡି ରହିଥିବା ଦେବୀ ଲାଲଙ୍କ ନାତି ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱରେ ଜନ ନାୟକ ଜନତା ପାର୍ଟୀ (ଜେଜେପି) ରହିଛି। ୨୦୧୪ରେ ପ୍ରଥମ ଥର ପାଇଁ ବିଜେପି ରାଜ୍ୟରେ ଏକାକି ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଥିଲା। ୯୦ ଆସନ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ନିମନ୍ତେ ମ୍ୟାଜିକ ନମ୍ବର ହେଲା ୪୬। ୨୦୧୯ରେ ବିଜେପି ୪୦ଟି ଆସନ ପାଇଥିଲା। ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ବିଜେପି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇପାରିନଥିଲା। ସେତେବେଳେ ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱାଧିନ ଜେଜେପି ୧୦ଟି ଆସନ ପାଇଥିଲା। ନିର୍ବାଚନରେ ପରସ୍ପର ବିରୋଧରେ ଲଢ଼ିଥିଲେ ମଧ୍ୟ ବିଜେପି ଓ ଜେଜେପି ପରସ୍ପର ସହ ହାତ ମିଳାଇ କ୍ଷମତା ଅକ୍ତିଆର କରିଥିଲେ। କିଛି ସ୍ୱାଧୀନ ବିଧାୟକ ମଧ୍ୟ ବିଜେପିକୁ ସମର୍ଥନ କରିଥିଲେ। ୨୦୧୪ ଓ ୨୦୧୯ ଲୋକସଭା ନିର୍ବାଚନରେ ମଧ୍ୟ ବିଜେପି ସମସ୍ତ ୧୦ଟି ଯାକ ଆସନ ଦଖଲ କରିଥିଲା। କିନ୍ତୁ ଗତ ଲୋକସଭା ନିର୍ବାଚନରେ ବିଜେପିକୁ ୫ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ନିର୍ବାଚନ ପୂର୍ବରୁ ଆସନ ବୁଝାମଣାକୁ ନେଇ ମତପାର୍ଥକ୍ୟ ହେତୁ ବିଜେପି-ଜେଜେପି ମେଣ୍ଟ ତୁଟିଯାଇଥିଲା। କଂଗ୍ରେସ ଏହାର ଫାଇଦା ଉଠାଇଥିଲା। କିନ୍ତୁ ଲୋକସଭା ନିର୍ବାଚନରେ ବିଜେପି ଆଶାନୁରୂପ ପ୍ରଦର୍ଶନ ନକରିବାର ଏକ ବଡ଼ କାରଣ ହେଲା ରାଜ୍ୟରେ ବିଜେପିର ନେତୃତ୍ୱ ପରିବର୍ତ୍ତନ। ମନୋହରଲାଲ ଖଟ୍ଟରଙ୍କୁ ବିଦା କରି ହରିୟାନାରେ ନାଏବ ସିଂହ ସୈନିଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥

*ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍ଲି ଅବ୍‌ଜର୍ଭଡ଼ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।*

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍ଲି ଅବ୍‌ଜର୍ଭଡ଼ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗଙ୍କୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

॥ ଅଜୟ କୁମାର ବେହେରା ॥

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା। କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା। ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି। ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ। ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ। ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ। ବିଷ ହିଁ ସାଂସାରିକ ଜୀବନରେ ଜ୍ୱଳା ଦିଏ। ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ। ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଚ୍ଛନ୍ନ ପରେ କରାଏ। ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି। ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ। ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ। ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ। ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ। କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି। ପରେ କଳାମୟ ଯୌବନ ଭୋଗ ହୋଇପାରେ। ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି। ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ। ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି। ଏହା ଧର୍ମଜ୍ଞାନ ହରାସ୍ଥିତି। ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ। ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ। କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା। ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୂ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି। ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି। ଦମ୍ପତ୍ତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି। ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ। ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା। ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି। ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି। ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ। କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

॥ ଅଭୟ କୁମାର ଦାସ ॥

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ। ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା। ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଓ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।

ଗୋତରା, ମାହାଙ୍ଗା, କଟକ
ଦୂରଭାଷ : ୯୪୩୭୧୪୨୭୧୭



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଯୁବକଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା ୪ ଅଟକ

ବିଷମ କଟକ(ମହାଭାରତ):ଏଭଳି ଘୋଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଋଟିକଣା ମାଳିସାହି ଠାରେ। ଗତକାଲି ରାତି ୧୧ ଘଣ୍ଟା ସମୟରେ କେହିଜଣେ ଦୁର୍ବୃତ ଯୁବକଙ୍କୁ ଟାଙ୍ଗିଆରେ ନିର୍ମମ ଭାବରେ ହାଣି ବା ଫଳରେ ଯୁବକ ଜଣଙ୍କ ଦୌଡି ଦୌଡି ଆସି ଘର ସମ୍ମୁଖରେ ପଡିଯାଇଥିଲେ ।ଘୋଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଫଳରେ ସାହିଲୋକ ଦେଖି ପୋଲିସକୁ ଖବର ଦେଇ ଥିଲେ। ଘୋଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଋରି ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି । ମୃତ୍ୟୁ ଯୁବକ ଜଣକ ଋଟିକଣା ମାଳିସାହିର ଘାଶିରାମ ଜିଳିକାର ବୋଲି ଜଣାପଡିଛି।

## ସାତ ଦଫା ଦାବି ନେଇ ଆନ୍ଦୋଳନ ଡାକରା ଦେଇଛି ନୟାଗଡ଼ ରାଇସ୍ ମିଲ୍ ଆସୋସିଏସନ୍

### ଦାବି ପୂରଣ ନ ହେଲେ ଧାନ କିଣିବେ ନାହିଁ ବୋଲି ସରକାରଙ୍କୁ ଚେତାବନୀ

ନୟାଗଡ଼, ( ମହାଭାରତ ) : ସାତ ଦଫା ଦାବି ନେଇ ଆନ୍ଦୋଳନ ଡାକରା ଦେଇଛି ନୟାଗଡ଼ ରାଇସ୍ ମିଲ୍ ଆସୋସିଏସନ୍। ଆଜି ଭୁନେଶ୍ୱରରେ ହେବାକୁ ଥିବା ରାଜ୍ୟ ରାଇସ୍ ମିଲ୍ ଆସୋସିଏସନ୍ ସଂଘର ଆନ୍ଦୋଳନରେ ସାମିଲ ହେବ ନୟାଗଡ଼ ରାଇସ ମିଲ୍ ଆସୋସିଏସନ୍ ସଂଘ। ଦାବି ପୂରଣ ନ ହେଲେ ଧାନ କିଣିବୁନାହିଁ ବୋଲି ସରକାର ଙ୍କୁ ଏଭଳି ଚେତାବନୀ ଦେଇଛି ରାଇସ ମିଲର୍ ଆସୋସିଏସନ୍ ସଂଘୟ ଫଳରେ ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ଜିଲ୍ଲାରେ ଏଥର ସମସ୍ୟା ସୃଷ୍ଟି ହୋଇପାରେ। ଧାନ ଚୁରାଇବା ପାଇଁ ମିଲରଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁ ନଥିବା ବେଳେ ସେପଟେ ସରକାରଙ୍କ ଏ ଭଳି ନୀତି ପାଇଁ ମିଲର ମାନଙ୍କୁ କ୍ଷତି ସହିବା ପାଇଁ ପଡୁଛି। ଫଳରେ ପ୍ରତ୍ୟେକ ବର୍ଷ ବହୁ ମିଲର ବ୍ୟବସାୟରୁ ଦୂରେଇ ଯାଉଛନ୍ତି। ତେଣୁ ସରକାର ମିଲର୍ ମାନଙ୍କ ଦାବି ନ ଶୁଣନ୍ତି ତେବେ ଆଗାମୀ ଦିନରେ ଖରିଫ ଧାନ କିଣିରେ ସହଯୋଗ କରିବେ ନାହିଁ ବୋଲି ସିଧାସଳଖ ଲିଖିତ ଭାବେ ଜଣାଇଛି ମିଲର୍ ସଂଘୟ ଜିଲ୍ଲାର ସମସ୍ତ ମିଲର୍ ମେଳି ହେଲେ ଧାନ କିଣାରେ ଆଦୌ ସହଯୋଗ ନ କରିବା ପାଇଁ ମିଲର ମାନେ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ନୟାଗଡ଼ ଜିଲ୍ଲା ଋଉଳ ମିଲର ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି। ମଣ୍ଡିରେ ଧାନ କିଣାରେ ମିଲର ମାନଙ୍କର କୌଣସି ଭୂମିକା ନାହିଁ। ମଣ୍ଡିରେ ସମବାୟ ସମିତିର ସମ୍ପାଦକ ମାନେ ଋଷୀ ମାନଙ୍କ ଠାରୁ ଧାନ କିଣିବା ପରେ ଏହାକୁ ନେବା ପାଇଁ ମିଲର ମାନଙ୍କ ସହ ଯୋଗା ଯୋଗ କରିବା କଥାୟ ମାତ୍ର ଏଠାରେ ଓଲଟା ଋଳିଛି। ମିଲର ମାନଙ୍କୁ ଜୋରଜବରଦସ୍ତ ଧାନକିଣାରେ ସାମିଲ କରାଯାଉଛି। ଫଳରେ ଅଧିକାଂଶ ସମୟରେ ମିଲର ମାନେ ଋଷୀ ମାନଙ୍କର ରୋଷର ଶୀକାର ହେଉଛନ୍ତି। ଏଣୁ ଏଥର ନିୟମ ଅନୁଯାୟୀ ଧାନ କିଣିବାକୁ ମିଲର ସଂଘ ପକ୍ଷରୁ ଦାବି କରାଯାଇଛି। ଧାନ ପରିବହନ ବାବଦକୁ ମଧ୍ୟ କିଛି ନିଷ୍ପତ୍ତି ନିଆଯାଉ ନାହିଁ। ଡିଜେଲ ଦର ୩୫ ଟଙ୍କା ଥିବା ବେଳେ ପରିବହନ ଦର ଯେତିକି ଥିଲା ବର୍ତ୍ତମାନ ୯୨ ଟଙ୍କା ଦରରେ ମଧ ସେତିକି ରହିଛି।ଏଣୁ ଏହି ଦରରେ ମଧ ବୃଦ୍ଧି କରାଯିବା ଆବଶ୍ୟକତା ରହିଛି। ଏହାସହ ଆଉ ଏକ ସମସ୍ୟା ହେଲା ଧାନ କିଣିବା ପାଇଁ ମିଲର ମାନେ ଯେତେବେଳେ ଚୁକ୍ତିପତ୍ରରେ ସ୍ୱାକ୍ଷର କରୁଛନ୍ତି ସେତେବେଳେ କୌଣସି ଦର ଉଲ୍ଲେଖ କରାଯାଉ ନାହିଁ। ବ୍ୟବସାୟ ଶେଷ ହେବା ପରେ ସେମାନେ ନିଜ ମନ ମୁତାବକ ଦର ଧାର୍ଯ୍ୟ କରୁଛନ୍ତି। ଧାନ ଚୁରାଇବ ପାଇଁ ୨୦ ଟଙ୍କା ପରିବର୍ତ୍ତେ ଦେଢ଼ ଶହ ଟଙ୍କା କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଣୁ ଚଳିତ ବର୍ଷ ଏମିତି ବେଆଇନ କାର୍ଯ୍ୟରୁ ନିବୃ□ ରହିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରମୁଖ ଦାବି ଗୁଡ଼ିକ ସଂକ୍ରାନ୍ତରେ ଯଦି ବିଋର କରାନଯାଏ ତେବେ ମିଲର ମାନେ ଆଦୌ ଧାନ କିଣାରେ ସାମିଲ ହେବେନି ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାହାର ରାଜ୍ୟରେ ସରକାର ମିଲର ମାନଙ୍କୁ ଯେପରି ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ଏଠାରେ ମଧ ସେମିତି ଦେବାର ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସରକାରଙ୍କ ମିଲର ମାରଣ ନୀତି ଯୋଗୁଁ ନୟାଗଡ଼ ଜିଲ୍ଲାରେ ପୂର୍ବରୁ ୨୪ ଜଣ ମିଲର ରହିଥିବା ବେଳେ ଅନେକ ମିଲର ବ୍ୟବସାୟୀ ଛାଡ଼ି ଦେଇଛନ୍ତି। ବର୍ତ୍ତମାନ ଜିଲ୍ଲାରେ ଏବେ ୧୫ ଟି ମିଲ୍ ରହିଥିବା ସଂଘ ପକ୍ଷରୁ କୁହାଯାଇଛି।




## ମହିଳା ମାନଙ୍କ ଋଣ ଟଙ୍କ ହଡପ କରି ଯୁବକ ଫେରାର

ବରୀ(ମହାଭାରତ): ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବେଞ୍ଜାରାପୁର ଗ୍ରାମର ମହିଳା ମାନେ ଥାନାରେ ସେମାନଙ୍କ ସାଙ୍ଗରେ ହୋଇଥବା ଋଣ ଅର୍ଥ ଠକେଇ ନେଇ ଲିଖିତ ଅଭଯୋଗ କରିଛନ୍ତି। ଅଭିଯେଗ ଅନୂଯାୟୀ ମନ୍ଧାରୀ ପଂଚାୟତ ବେଞ୍ଜାରାପୁର ଗ୍ରାମର ନେପାଳ ମଲ୍ଲିକଙ୍କ ପୁଅ ବିଜେନ୍ଦ୍ର ମଲ୍ଲିକ(୨୭) ସେହି ଗ୍ରାମର ମହିଳା ମାନଙ୍କୁ ବିଭିନ୍ନ ଫାଇନାନ୍ସ କମ୍ପାନି ମାନଙ୍କରୁ ସବସିଡ ମାଧ୍ୟମରେ ଋଣ କରିଦେବାର ଲୋଭ ଦେଖାଇ ସେମାନଙ୍କ ଠାରୁ ଆଧାର କାର୍ଡ, ବ୍ୟାଙ୍କର ବହି ଆଦି ନେଇଥିଲେ। ପରେ ବିଭିନ୍ନ ସଂସ୍ଥାରୁ ଋଣ ଉଠାଇବା ସହିତ ଋଣ ଅର୍ଥରୁ ସବସିଡି ବାବଦ କିଛି କିଛି ମହିଳା ମାନଙ୍କୁ ଦେଇଥିଲେ। ପରେ ବାକି ଅର୍ଥକୁ ବିଜେନ୍ଦ୍ର ନେଇଯାଇଥିଲେ ଓ କହିଥିଲେ ତୁମର ଋଣ ପ୍ରତି ମାସ ସୀଜିଯିବ ତୁମକୁ କିଛି ଦେବାକୁ ପଡିବ ନାହିଁ। କିନ୍ତୁ ଋଣ କିସ୍ତି କିଛି ଦିନ ବିଜେନ୍ଦ୍ର ଠିକ ଭାବରେ ସୁଝିଥିଲେ। ପରେ ରାଜେନ୍ଦ୍ର ଲିସ୍ତ ନେବା ବନ୍ଦ କରିସେଇଥିଲେ। ଋଣ କିସ୍ତି ନ ମିଳିବାରୁ ଫାଇନାନ୍ସ କମ୍ପାନିର କର୍ମଚାରି ମାନେ ମହିଳା ମାନଙ୍କ ଘରକୁ ଆସି ଟଙ୍କା ମାଗିବାରୁ ମହିଳା ମାନେ ବିଜେନ୍ଦ୍ର କୁ ଏହି ବିଷୟରେ ପଚାରିଥିଲେ। ହେଲେ ବିଜେନ୍ଦ୍ର ଆଜି କାଲି କହି ଟଙ୍କା ଦେବାକୁ ସମୟ ଗଡାଇ ଚାଲିଥିଲା।ବୀଜେନ୍ଦ୍ର ଟଙ୍କା ନଦେବାରୁ ଋଣ ଦେଇଥିବା ସଂସ୍ଥା ଋଣ ସୂଜିବାକୁ ତାଗିଦ୍ କରିଥିଲେ। ଯାହାକୁ ନେଇ ମହିଳା ମାନେ ଅଗଷ୍ଟ ୧୫ ତାରିଖ ଦିନ ବରୀ ଥାନାରେ ବୀଜେନ୍ଦ୍ର ନାମରେ ଟଙ୍କା ଠକି ନେଇଥିବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବରୀ ଥାନା ପକ୍ଷରୁ ବିଜେନ୍ଦ୍ର କୁ ଥାନାକୁ ଡକା ଯାଇଥିଲା। ଥାନାରେ ଜିତେନ୍ଦ୍ର ଏକ ମାସ ମଧ୍ୟରେ ନେଇଥିବା ସମସ୍ତ ଅର୍ଥ ଫେରାଇ ଦେବ ବୋଲି ଲିଖିତ ଆକାରରେ ଦେବା ପରେ ଥାନା ପକ୍ଷରୁ ତାଙ୍କୁ ଛାଡି ଦିଆ ଝାଇଥିଲା। କିନ୍ତୁ ଜୀତେନ୍ଦ୍ର ଲିଖିତ ଆକାରରେ ଟଙ୍କା ଫେରାଇବାକୁ ଦେଇଥିବା ତାରିଖ ଇତି ମଧ୍ୟରେ ପୁରୀ ଯାଇଥିବା ବେଳେ ସେ ମହିଳା ମାନଙ୍କୁ ତାଙ୍କ ଟଙ୍କା ଫେରସ୍ତ କରି ନାହିଁ। ଏହି ବିଷୟରେ ମହିଳା ମାନେ ଥାନାକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଆଜି ବରୀ ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି। ବରୀ ଥାନା ପକ୍ଷରୁ ନ୍ୟାୟ ନ ମିଳିଲେ ତେବେ ଆମେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବୁ ଓ ତାଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ରହିବୁ ବୋଲି ଅଭଗେଯାଗ କରିଥିବା ମହିଳା ମାନେ କହିଛନ୍ତି।

## ପି.କେ.ମହାପାତ୍ର ଇଫକୋ ପାରାଦୀପ ୟୁନିଟ ର ନୂତନ ମୁଖ୍ୟ ଭାବେ ନିଯୁକ୍ତ

ପାରାଦୀପ(ମହାଭାରତ): ବିଶ୍ୱର ବୃହତ୍ତମ ସାର ଉତ୍ପାଦନକାରୀ ସମବାୟ ସମିତି ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ଼ (ଇଫକୋ) ଗୁରୁବାର ଦିନ ତାର ପାରାଦୀପ ୟୁନିଟ ର ନୂତନ ମୁଖ୍ୟ ଭାବେ ପି.କେ. ମହାପାତ୍ର ଙ୍କୁ ନିଯୁକ୍ତି କରିଥିବା ଏକ ପ୍ରେସ ବିଜ୍ଞାପ୍ତିରେ ଘୋଷଣା କରିଛି । ଅନ୍ୟତମ ଭାରତୀୟ କୃଷକ ଫର୍ଟିଲାଇଜର୍ କୋଅପରେଟିଭ୍ ଲିମିଟେଡ୍ ଏହାର ପାରାଦୀପ ୟୁନିଟରେ ଏକ ପ୍ରମୁଖ ନେତୃତ୍ୱ ପରିବର୍ତ୍ତନ ଘୋଷଣା କରିଛି ଶ୍ରୀ ମହାପାତ୍ର ଇଫକୋ ପାରାଦୀପ ୟୁନିଟର ଜେନେରାଲ ମ୍ୟାନେଜର ଭାବେ ଅବସ୍ଥାପିତ ଥିଲେ। ଏଥି ପୂର୍ବରୁ ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ ତଥା ନିର୍ଦ୍ଦେଶକ ଭାବେ ଶ୍ରୀ କେ.ଜେ.ପଟେଲ ସଫଳତାର ସହ କାର୍ଯ୍ୟ କରି ଇଫକୋ କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଥିଲେ। ଏବେ ସେ ଦିଲ୍ଲୀର ଇଫକୋ ମୁଖ୍ୟ କାର୍ଯ୍ୟାଳୟକୁ ସମ୍ମାନଜନକ ବୈଷୟିକ ନିର୍ଦ୍ଦେଶକ ତଥା ବୋର୍ଡ ସଦସ୍ୟ ଭାବରେ ଅବସ୍ଥାପିତ ହୋଇଛନ୍ତି। ଦୀର୍ଘ ୩୮ ବର୍ଷରୁ ଉର୍ଦ୍ଧ କାର୍ଯ୍ୟ କରି ଅଭିଜ୍ଞତା ସହିତ ଶ୍ରୀ ପଟେଲ ପାରାଦୀପ ୟୁନିଟ କୁ ଦେଶର ଅନ୍ୟତମ ଉତ୍ତମ ସାର ଉତ୍ପାଦନ ୟୁନିଟରେ ପରିଣତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।ଅନ୍ୟପକ୍ଷରେ ପାରାଦୀପ ୟୁନିଟ ର ନୂତନ ମୁଖ୍ୟ ଶ୍ରୀ ମହାପାତ୍ର ଆରଇସି ରାଉରକେଲା ର ୧୯୮୯ ବ୍ୟାଚ ର ମେକାନିକାଲ ଇଞ୍ଜିନିୟର ଭାବେ ସାର ଶିଳ୍ପରେ ୩୦ ବର୍ଷ ର ଅଭିଜ୍ଞତା ହାସଲ କରିଛନ୍ତି । ଜଣେ ଅଭିଜ୍ଞ ଇଞ୍ଜିନିୟର ଭାବେ ଶ୍ରୀ ମହାପାତ୍ର ୨୦୦୭ ମସିହାରୁ ୧୮ ବର୍ଷ ଧରି ଇଫକୋ ସହିତ ଜଡିତ ରହି ବୈଷୟିକ କାର୍ଯ୍ୟ ଏବଂ ପ୍ରକଳ୍ପ ପରିଋଳନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ । କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ନବସୃଜନ ପାଇଁ ଶ୍ରୀ ମହାପାତ୍ରଙ୍କ ଉତ୍ସର୍ଗୀକୃତ କୃଷି ଏବଂ କୃଷକଙ୍କ ସମୃଦ୍ଧତା ଇଫକୋ ର ଲକ୍ଷ୍ୟ ହାସଲ ରେ ବେସ ସହାୟକ ଭୂମିକା ଗ୍ରହଣ କରିଥିବା ନେଇ ଇଫକୋ ପାରାଦୀପ ୟୁନିଟ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ତ କୁମାର ବେଉରାଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ରୁ ପ୍ରକାଶ ।



## ଶ୍ରମିକ ସାଜିଛନ୍ତି ଛାତ୍ର ଗଣ



ଉମରକୋଟ:(ମହାଭାରତ):ହାତରେ କଲମ, ବହି ଧରିବା ବଦଳରେ ଧରିଛନ୍ତି କୋଦାଳ, ଶିକ୍ଷକ ପାଠ ପଢେଇବା ବଦଳରେ ଛାତ୍ର ମାନଙ୍କୁ ଧରାଉଛନ୍ତି କୋଦାଳ, ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ କିନ୍ତୁ ଏଠାରେ ସେମାନେ ସାଜିଛନ୍ତି ଶ୍ରମିକ।ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଭାମିନି ଠାରେ।ସୂଚନା ଅନୁଯାଇ :ଉକ୍ତ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାତ୍ର ବିଦ୍ୟାଳୟ ର କିଛି ପିଲାଙ୍କୁ କୋଦାଳ ଦେଇ ରାସ୍ତା କଡ଼ରେ ଥିବା ମୁରୁମ ମାଟି କୁ ଖୋଳି ଆଣିବାକୁ କହିଥିଲେ।ପିଲାମାନେ କୋଦାଳରେ ମାଟି ଖୋଳିବା ଚିତ୍ର ଟିକୁ କିଛି ସାମ୍ବାଦିକ ନିଜ କେମେରା ରେ କୈଦ କରିଥିଲେ।ପରେ ଶିକ୍ଷକ ଙ୍କୁ ଏ ବିଷୟରେ ପ୍ରଶ୍ନ କରିବାରୁ ସ୍ୱଚ୍ଛ ଭାରତ ମିଶନ ଋଲିଛି ବୋଲି କହି ନାଲି ଆଖି ଦେଖେଇଥିଲେ, ଏବଂ ସ୍କୁଲ ର ଅନ୍ୟ ଶିକ୍ଷକ ତମେମାନେ ଉପରିସ୍ଥ ଅଧିକାରୀ କିମ୍ବା ଯାହାକୁ ଜଣାଉଛ ଜଣାଅ ଆମର କିଛି କ୍ଷତି ହେବ ନାହିଁ ବୋଲି କହିଥିଲେ, ସେପଟେ ବ୍ଲକ ମଙ୍ଗଳ ଅଧିକାରୀ ବିଧୁ ଭୂଷଣ ବେହେରା ଏବିଷୟ କୁ ନେଇ ମୁଁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ସୂଚନା ଦେବି ଏବଂ ତଦନ୍ତ କଲାପରେ ପଦକ୍ଷେପ ନେବି ବୋଲି କହିଛନ୍ତି।ମଧ୍ୟାହ୍ନ ଭୋଜନ ରେ କିଛି ପିଲାମାନଙ୍କ ପାଖରେ ଥାଳି ନ ଥିବାରୁ ସେମାନଙ୍କୁ ଘରକୁ ପଠେଇ ଦେଉଛନ୍ତି।ସେହି ପିଲାମାନଙ୍କ ଭୋଜନ କୁ ଖାଉଛି କିଏ ?ବର୍ତମାନ ଦେଖିବାକୁ ବାକି ରହିଲା ଏଭଳି ଶିକ୍ଷକ ଙ୍କ ଉପରେ କି ପଦକ୍ଷେପ ନିଆଯାଉଛି ?ନା ଖାଲି ମିଡ଼ିଆ ସାମ୍ନା ରେ ଘ□ ଘୋଡାଉଛନ୍ତି, ସେପଟେ ଏବିଷୟ କୁ ନେଇ ଗଣ ଶିକ୍ଷା ମନ୍ତ୍ରୀ ଙ୍କୁ ଫୋନ କରାଯାଇଥିଲା କିନ୍ତୁ ସେ କାର୍ଯ୍ୟ ବ୍ୟସ୍ତତା ଭିତରେ ଫୋନ ରିସିଭ କରିନଥିଲେ।ମନ୍ତ୍ରୀ ଙ୍କ ଅ□ଳରେ ଶିକ୍ଷକ ମାନେ ମଦ ପିଇ ସ୍କୁଲ କୁ ଯାଉଛନ୍ତି, ନିଜ ଇଚ୍ଛା ରେ ସ୍କୁଲ ଖୋଲୁଛନ୍ତି ଛୁଟି କରୁଛନ୍ତି, ପୁଣି ପିଲାମାନଙ୍କୁ କୋଦାଳ ଧରେଇ ଶ୍ରମିକ କାମ କରାଉଛନ୍ତି,ଶିକ୍ଷକ ମାନଙ୍କୁ ପ୍ରଶ୍ନ କଲେ ନାଲି ଆଖି ଦେଖାଉଛନ୍ତି, ଏଭଳି ଶିକ୍ଷକ ମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସବୁ ଦିଗରୁ ଦାବି ରହିଛ।

## ଜୟପୁର ସଦର ମହକୁମା ଠାରେ ଗାନ୍ଧୀଜୀଙ୍କ ୧୫୫ତମ ଜୟନ୍ତୀ ପାଳନ

ଜୟପୁର(ମହାଭାରତ): କୋରାପୁଟ ଜିଲ୍ଲା ଜୟପୁର ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଠାରେ ଗାନ୍ଧୀଜୀଙ୍କ ୧୫୫ତମ ଜୟନ୍ତୀ ପାଳନ କରାଯାଇଛି ।ଆଜିର ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ମହଦୟା କୁମାରୀ ଆକାବରମ ଶସ୍ୟା ରେଡ୍ଡୀଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥି ପରେ ଜୟପୁର ପୌର ଉଦ୍ୟାନ ଠାରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ହାଟଡିହ(ମହାଭାରତ): ହାଟଡିହି ବ୍ଲକ କଳିଗାଁ ପଞ୍ଚାୟତର ରଘୁନାଥପୁର ର ସଫଳ ଋଷୀ ଙ୍କ ପରୋଲୋକ ହୋଇଯାଇଛି। ସେ ପୂର୍ବରୁ ସେ ଓରାଳି ଓ କଳିଗାଁ ଗ୍ରାମ ପଞ୍ଚାୟତ ରେ ୱାର୍ଡ ମେମ୍ବର ଭାବରେ ଦାୟିତ୍ୱ ତୁଲାଇଥିଲେ।ତାଙ୍କ ଶେଷ କୃତ୍ୟ ସଂପନ୍ତ ବେଳେ ବହୁ ଭଦ୍ର ବ୍ୟକ୍ତି ଉପସ୍ଥିତ ରହିଥିଲେ। ଶେଷ ସମୟ ରେ ପୁତ୍ର ଅକ୍ଷୟ ଧଳ ମୁଖାଗ୍ନୀ ଦେଇଥିଲେ। ପଡ଼ୋଶୀ ପୁଅ ମାନଙ୍କ ମଧ୍ୟରେ ଅଜୟ ଧଳ, ଅଭୟ ଧଳ,ଉପସ୍ଥିତ ଥିଲେ।

## ଗଜପତି ଜିଲ୍ଲାର ପାଞ୍ଚ ଗୋଟି ପଞ୍ଚାୟତରେ ଜନ ଯୋଜନା ଅଭିଯାନ ଅନ୍ତର୍ଗତ ସ୍ୱତନ୍ତ୍ର ଗ୍ରାମସଭା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଗଜପତି ଜିଲ୍ଲାର ପା□ ଗୋଟି ପ□ାୟତରେ ଜନ ଯୋଜନା ଅଭିଯାନ ଅନ୍ତର୍ଗତ ସ୍ୱତନ୍ତ୍ର ଗ୍ରାମ ସଭା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ଓ ବିକଶିତ ଭାରତ ବିକଶିତ ପ□ାୟତ ରୂପେ ଗଢି ତୋଳିବା ପାଇଁ ସବୁ କ୍ଷେତ୍ରରେ ପ୍ରୟାସ ଜାରିରହିଛି ଓ ଏହି ଅବସରରେ ୨ ଅକ୍ଟୋବର ୨୦୨୪ ରେ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକର ଉଖୁରା , ବଡକଳାକୋଟ, ଭୁବନୀ ଗ୍ରାମ ପ□ାୟତ ଓ ରା.ଉଦୟଗିରି ବ୍ଲକର ମହେନ୍ଦ୍ରଗଡ, ଛେଲାଗଡ ଗ୍ରାମ ପ□ାୟତରେ ବିଶେଷ ଗ୍ରାମ ସଭା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାୟ ଏହି କାର୍ଯ୍ୟକ୍ରମ ପିପୁଲ୍ସ ପ୍ଲାନ୍ କ୍ୟାମ୍ପେନ୍ (୨୦୨୪-୨୫) ର ଅଂଶ ଭାବରେ ଆୟୋଜନ କରାଯାଇଥିଲା, ଯାହା ଗ୍ରାମ ସ୍ତରରେ ଅଧିକ ସମାବେଶୀ ଏବଂ ଜନ ଭାଗିଦାରୀ ଯୋଜନା ନିର୍ମାଣ ପାଇଁ ସମାଜକୁ ଅଂଶଗ୍ରହଣ କରାଇବା ଉଦ୍ଦେଶ୍ୟ ନେଇ ହୋଇଥିଲାୟ ଗଜପତି ଜିଲ୍ଲାକୁ କିପରି ଆକାଂକ୍ଷୀ ଜିଲ୍ଲାରୁ ପ୍ରେରଣାଦାୟୀ ଜିଲ୍ଲା ରେ ପରିଣତ କରିବାର ଲକ୍ଷ୍ୟକୁ ସାକାର କରିବା ପ୍ରତି ଗୁରୁତ୍ୱ ଦିଆଯାଇଛିୟଗୁମ୍ମା ବ୍ଲକ ଅନ୍ତର୍ଗତ ବଡକଳା କୋଟ, ଭୁବନୀ , ଉଖୁରା ଓ ମୁନିସିଙ୍ଗ ଗ୍ରାମ ପ□ାୟତରେ ଏହି ବିଶେଷ ଗ୍ରାମ ସଭାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଜିଲ୍ଲା ପ□ାୟତ ଅଧିକାରୀ ଶ୍ରୀ ଅଶୋକ କୁମାର ପଟ୍ଟନାୟକ, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ କାର୍ଯ୍ୟକ୍ରମ ପରିଋଳକ ତପନ ବାବୁ, ପିରାମଲ୍ ଫାଉଣ୍ଡେସନ୍ର ର ଦେବବ୍ରତ ଆଋର୍ଯ୍ୟ ଓ ପ୍ରେମ ସଂଗଠନ ର କର୍ମୀ ତଥା ଅନ୍ୟାନ୍ୟ ବ୍ଲକ,ଗ୍ରାମ ପଂଋୟତ ଅଧିକାରୀ ଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେୟ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହୋଇଥିଲା ଗ୍ରାମ ପ□ାୟତ ପାଇଁ ଅନୁସଙ୍ଗିକ ଯୋଜନା ,ଗ୍ରାମୀଣ ବିକାଶ ଏବଂ ସୁସ୍ଥ ଶାସନ ନେଇ ସମ୍ପୃକ୍ତ ସାମୁଦାୟିକ ଅଂଶଗ୍ରହଣ ନିଶ୍ଚିତ କରିବା, ଏହା ସହିତ ବରିଷ୍ଠ ନାଗରିକଙ୍କ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମାଜ ନାୟକମାନଙ୍କୁ ସମ୍ମାନ ଦେବାୟ ସେହିପରି ରା.ଉଦୟଗିରି ବ୍ଲକର ମହେନ୍ଦ୍ରଗଡ,ଛେଲାଗଡ ଗ୍ରାମ ପ□ାୟତରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲାରିମେନ୍ ଖର୍ସେଲ ସମେତ ବ୍ଲକ୍ କର୍ମଋରୀ ,ଗ୍ରାମ ପଂଋୟତର ଅଧିକାରୀ ଗଣ ଅଂଶଗ୍ରହଣ କରିଥିଲେୟ ଏହି କାର୍ଯ୍ୟକ୍ରମ ରେ ସାମୁଦାୟିକ ଭାଗୀଦାରିକୁ ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ରାଲି ସହିତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା

## ତପନ କୁମାର ପତି ଉମରକୋଟ ଥାନାର ନୂତନ ଆଇଆଇସି ଭାବେ ଯୋଗଦାନ

ଉମରକୋଟ (ମହାଭାରତ)- ଶ୍ରୀ ତପନ କୁମାର ପତି ଆଜି ଉମରକୋଟ ଥାନା ରେ ନୂତନ ଆଇଆଇସି ଭାବେ କାର୍ଯ୍ୟ ରେ ଯୋଗ ଦେଇଛନ୍ତି। ସେ ଏଥି ପୂର୍ବରୁ ଝରିଗାଁ ଥାନା ରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ଉମରକୋଟ ଥାନା ଆଇଆଇସି ତମ୍ବରୁ ଧର ପ୍ରଧାନ ଗତ କାଲି ଋକିରି ରୁ ଅବସର ନେବା ପରେ ଉମରକୋଟ ଥାନା ର ଆଇଆଇସି କିଏ ହେବେ ଏଥି ନେଇ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ତେବେ ଶେଷ ରେ ତପନ କୁମାର ପତି ଆଜି ଯୋଗ ଦାନ କରିଛନ୍ତି।

## ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ର ଜିଲ୍ଲାସ୍ତରୀୟ ଅଭିଯାନର ଶୁଭାରମ୍ଭ



ରାୟଗଡ଼(ମହାଭାରତ): ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୁଆରି ଙ୍କ ଉପସ୍ଥିତି ରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ ର ଶୁଭାରମ୍ଭ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା . ଶ୍ରୀଯୁକ୍ତ ଲାଲମୋହନ ରାଉତରାୟ , ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭୀମସେନ ନାୟକ , ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା .ମମତା ସାହୁ , ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା . ମମତା ଚୌଧୁରୀ , ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା ପ୍ରଦୀପ୍ତ କୁମାର ସୁବୁଧି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା .ବରଦା କାନ୍ତ ମିଶ୍ର, ପ୍ରଶାସନିକ ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ର , ଅବକାରୀ ଅଧିକାରୀ ସନ୍ତୋଷ କୁମାର ଧଳ, ଜିଲ୍ଲା କାର୍ଯ୍ୟକ୍ରମ ପରିଋଳକ (ଜାତୀୟ ସ୍ୱାସ୍ଥ୍ୟ ମିଶନ), ରାଜେଶ୍ୱର ରାଓ ପଟ୍ଟନାୟକ ଏବଂ ସହକାରୀ ପରିଋଳକ (ଅଣ ସଂକ୍ରାମକ ରୋଗ) ଶ୍ରୀମତୀ ସଂଯୁକ୍ତା ବାଗ ଆଦି ଉପସ୍ଥିତ ଥିଲେ। ଏହି ଅଭିଯାନ ର ଶୁଭାରମ୍ଭ ଅବସରରେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀମତୀ ପାରୁଲ କହିଥିଲେ ଯେ, ତମାଖୁ ମୁକ୍ତ ସମାଜ ଗଠନ ନିମନ୍ତେ ଯୁବ ସମାଜ ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ୨୫ ସେପ୍ଟେମ୍ବର ୨୦୨୪ ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ମୋଟ ୬୦ ଦିନ ଧରି ଋଲିବ ଯାହାକି ୨୪ ନଭେମ୍ବର ୨୦୨୪ ରେ ଶେଷ ହେବ ସମସ୍ତେ ଖାସ କରି ଯୁବ ସମାଜ ଜାଣି ରଖିବା ଉଚିତ ଯେ ତମାଖୁ ସେବନ ଅଧିକାଂଶ ଅଣ - ସଂକ୍ରାମକ ରୋଗ ଓ କର୍କଟ ରୋଗ ର କାରଣ ତମାଖୁ ବର୍ଜନ , ଆଜିର ଯୁବ ପିଢୀ ପାଇଁ ଆହ୍ୱାନ ଏହି ଅଭିଯାନର ସଫଳ କରିବା ନିମନ୍ତେ ସଭା ରେ ଉପସ୍ଥିତ ଥିବା ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କର ମିଳିତ ସହଯୋଗ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ସାମାଜିକ ଗଣମାଧ୍ୟମ ସହାୟତା ରେ ତମାଖୁ ବ୍ୟବହାର କୁ ବର୍ଜନ କରିବା ପାଇଁ ବିଭିନ୍ନ ସୂଚନାଯୋଗ୍ୟ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ମଧ ସେ କହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମ ଜିଲ୍ଲା ରେ ୬୦ ଦିନ ଧରି (୨୫ ସେପ୍ଟେମ୍ବର୨୪ ନଭେମ୍ବର ୨୦୨୪) ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ଋଲିବ ଅଭିଯାନ ସମୟ ମଧ୍ୟରେ ଜିଲ୍ଲା ର ପ୍ରାୟ୧୬୦ ଟି ତମାଖୁ ମୁକ୍ତ ବିଦ୍ୟାଳୟ ଏବଂ ୨୦ ଟି ଗ୍ରାମ କୁ ତମାଖୁ ମୁକ୍ତ ଗ୍ରାମ ଲକ୍ଷ ଧାର୍ଯ୍ୟ କରାଯାଇଛି। କୋଟପା ଏବଂ ପେକା ଉଲଂଘନ କ୍ଷେତ୍ରରେ ୧୬ ଟି ମିଳିତ ଏକଫୋର୍ସମେ□ ଟିମ କୁ ନେଇ ଏହି ଅଭିଯାନ ସମୟରେ ଚଢ଼ାଉ କରାଯିବ ସମସ୍ତେ ଜାଣି ରଖିବା ଉଚିତ ଯେ , ତମାଖୁ ସେବନ ଦ୍ୱାରା ଭାରତବର୍ଷ ରେ ପ୍ରତି ବର୍ଷ କର୍କଟ, ହୃଦ୍ ରୋଗ , ଶ୍ୱାସ ଜନିତ ରୋଗ , ମଧୁମେହ , ମସ୍ତିଷ୍କଘାତ ଆଦି ରୋଗ ରେ ପଡି ୨୮ ଲକ୍ଷ ରୁ ଉର୍ଦ୍ଧ ବ୍ୟକ୍ତି ମୃତ୍ୟୁ ମୁଖ ରେ ପଡ଼ିଥାନ୍ତି ଏହି ଅଭ୍ୟାସ ଛାଡିବା ସମ୍ଭବ , ଏହାକୁ ଛାଡିବା ପାଇଁ ଯୋଗ ଏବଂ ଧ୍ୟାନ ଅଭ୍ୟାସ କରିବା ସହିତ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଆବଶ୍ୟକ ଆବଶ୍ୟକ ସ୍ଥଳେ ଡାକ୍ତର ଙ୍କ ପରାମର୍ଶ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଥିବା ତମାଖୁ ବିରତି କେନ୍ଦ୍ର କୁ ଆସି ପରାମର୍ଶ ନେଇ ପାରିବେ।

## ବେଆଇନ ଖଣି ଖନନ ଓ କ୍ରସର ଉପରେ କେବେ ଲାଗିବ ଅଙ୍କୁଶ

କଳାହାଣ୍ଡି/ମହାଭାରତ: ପ୍ରାକୃତିକ ଖଣିଜ ସମ୍ପଦରେ ଭରପୁର ଆମ ରାଜ୍ୟରେ ଖଣିଜ ସମ୍ପଦ ଲୁଟ ହେବା କିଛି ନୂଆ କଥା ନୁହେଁୟ ପ୍ରତେକ ଦିନ ଏଭଳି ଖବର ବିଭିନ୍ନ ଗଣମାଧ୍ୟମରେ ଖବରର ଶିରୋନାମା ପାଲଟୁଛି। ପୂର୍ବ ସରକାରରେ ବେଆଇନ ଖଣି କାରବାର ବହୁ ମାତ୍ରାରେ ଋଲୁଥିବା ବେଳେ ତାକୁ ରୋକିବା ଦିଗରେ ଏବେ ନିକଟରେ ଆମ ମୁଖ୍ୟମନ୍ତୀ ଜିଲ୍ଲା ମୁଖିଆଙ୍କୁ ଜିଲ୍ଲାରେ ଲୁଟ ହେଉଥିବା ଖଣି ଖାଦାନ ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଇଭଳି ପ୍ରାକୃତିକ ସମ୍ପଦର ଗନ୍ତାଘର କୁହାଯାଉଥିବା କଳାହାଣ୍ଡି ଜିଲ୍ଲାରେ ମଧ ଖଣି ଚୋର ବାଲି ମାଫିଆଙ୍କ ରାଜ ଦିନକୁ ଦିନ ବଢ଼ିବାରେ ଲାଗିଛି ।ଭାତ ହାଣ୍ଡିରୁ ଗୋଟାଏ ଭାତ ଚିପିଲା ଭଳି ଭବାନୀପାଟଣା ସହରରୁ ଖରିଆର ଯିବା ମୁଖ୍ୟ ରାସ୍ତାରୁ ମାତ୍ର ୪କିମି ଦୂରରେ ଡେଙ୍ଗପଦର ଗାଁ ଏହି ଗ୍ରାମକୁ ଲାଗିକରି ଯେଉଁ ପାହାଡଟି ଅବସ୍ଥିତ ତାର ନାମ ମଧ ଡେଙ୍ଗପଦର ପାହାଡ଼, ସେହି ପାହାଡର ଛାତି ଭିତରେ ମୂଲ୍ୟବାନ ପଥର ଖାଦାନ, ରୋଜ ଏହିଠାରୁ କ୍ରସର ପାଇଁ ଉଦ୍ଦିଷ୍ଟ କଞ୍ଚାମାଲ ବେଆଇନ ଉତ୍ତୋଳନ କରି ବିଭିନ୍ନ କ୍ରସର ମାନଙ୍କୁ ଋଲାଣ ହେଉଥାଏ। ସବୁଠାରୁ ବଡକଥା ହେଲା ପାହାଡ଼ ଉପରେ ପଥର ଖାଦାନ ଏବଂ ପାହାଡର ପାଦଦେସରେ ଷ୍ଟୋନ କ୍ରସର। ବାରୁଦ ଓ ରଞ୍ଜକ ର ସମ୍ପର୍କ ଭଳି ଏଠି ବେଆଇନ କ୍ରସର ବସିବା ଦ୍ୱାରା ଡେଙ୍ଗପଦର ଗ୍ରାମର ପ୍ରଭୁତ କ୍ଷତି ଘଟୁଥିବା ଗ୍ରାମବାସୀଙ୍କ ଅଭିଯୋଗ । ଦିନରେ କ୍ରସରର ଧୂଳି ଧୂଆଁ ଓ ରାତିରେ ଖାଦାନ ବିସ୍ଫୋରଣର ପ୍ରଚଣ୍ଡ ବିକଟାଳ ଶବ୍ଦ ଯୋଗୁଁ ଗ୍ରାମବାସୀ ଭୟବିତ ଓ ଆତଙ୍କିତ ମଧ୍ୟରେ କାଳାତିପାତ କରୁଛନ୍ତି। ସେହିଭଳି ଦୈନିକ ପଥର ବୋଝେଇ ଟ୍ରକ, ହାଇୱା ଓଭର ଲୋଡିଙ୍ଗ କରି ଗ୍ରାମ୍ୟ ରାସ୍ତା ମଧଦେଇ ଯାତାୟତ କରିବା ଦ୍ୱାରା ଗ୍ରାମ୍ୟ ରାସ୍ତା ଅବସ୍ଥା ମଧ ପୁରା ଶୋଚନୀୟ ହୋଇପଡିଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଆସୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ପ୍ରକାଶ।ଶୁଣିବାକୁ ମିଳୁଛି ଯେ ଯେଉଁଠି ପଥର ଖାଦାନ ଅବସ୍ଥିତ ସେଠି ବଲାଙ୍ଗୀର ଏବଂ କଳାହାଣ୍ଡି ଉଭୟ ଜିଲ୍ଲା ସୀମାନ୍ତକୁ ଲାଗିକରି ଅଛି। ତେଣୁ ସୀମା ନିର୍ଧାରଣ ଦ୍ୱନ୍ଦ ଦୂର ନହେବା ଯୋଗୁଁ ଲାଗିରହିଥିବା ସୀମା ବିବାଦ ଫଳରେ କଙ୍କଡାକୁ ଗୋଳି ପାଣି ସୁହାଇଲା ଭଳି ତାହାର ଫାଇଦା ଏହି ଖଣି ମାଫିଆ ମାନେ ଉଠାଉଛନ୍ତି। ଯଦ୍ୱାରା ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେବାସହ ଡେଙ୍ଗପଦର ଗ୍ରାମବାସୀଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି। ଗୋଟିଏ ଜାଗାରେ ପଥର ଖାଦାନ ଏବଂ କ୍ରସର ରହିବା ଦ୍ୱାରା ସେ ଅଂଚଳର ଜଳ,ବାୟୁ ଏବଂ ଶବ୍ଦ ପ୍ରଦୂଷଣର ମାତ୍ରା ବେଳକୁ ବେଳ ବଢ଼ିବାରେ ଲାଗିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାଇ ଯେଉଁ ସମୟରେ କ୍ରସର ଋଲେ ସେହି ସମୟରେ ସେମାନଙ୍କ ଘର ଦୁଆର ବାରଣ୍ଡା ଆଦିରେ ପଥର ଗୁଣ୍ଡର ଏକ ଆସ୍ତରଣ ପଡି କୁହୁଡିର ଭ୍ରମ ସୃଷ୍ଟି କରୁଛି।

## ନିଖୋଜ ବ୍ୟକ୍ତିଙ୍କର ମୃତଦେହ ପୋଖରୀ ଜଳରୁ ଉଦ୍ଧାର

ବେଗୁନିଆ,(ମହାଭାରତ): ଖୋର୍ଦ୍ଧା ଜିଲା ବେଗୁନିଆ ପୋଲିସ ଗୁରୁବାର ସକାଳୁ ଜଣେ ବ୍ୟକ୍ତିଙ୍କର ମୃତଦେହକୁ ପୋଖରୀ ଜଳରୁ ଉଦ୍ଧାର କରିଛି। ମୃତକ ହେଲେ ଥାନା ଅନ୍ତର୍ଗତ ମାଣିବନ୍ଧ ଗ୍ରାମର ରଞ୍ଜନ ବେହେରା(୫୦)। ଏନେଇ ଥାନାରେ ଅପମୃତ୍ୟୁ ମାମଲା ନଂ ୧୭/୨୪ ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ ରଞ୍ଜନ ଗତ ମଙ୍ଗଳବାର ସଂଧ୍ୟାରୁ ଘରୁ ବାହାରି କେଉଁ ଆଡେ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ମାତ୍ର ଗୁରୁବାର ସକାଳୁ ସ୍ଥାନୀୟ ଗୈୟତନୂଆଗାଁ ନିକଟସ୍ଥ ଏକ ପୋଖରୀ ଜଳରେ କେହି ଜଣେ ବ୍ୟକ୍ତି ଭାସୁଥିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବେଗୁନିଆ ଏବଂ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି କଳାପଥର ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଜଳ ମଧ୍ୟରୁ ମୃତ ଦେହ ଉଦ୍ଧାର କରିଥିଲେ।ମୃତକଙ୍କ ଶରୀର ଗଳିତ ହୋଇଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି। ପରେ ଚିହ୍ନଟ କରାଯାଇ ପରିବାର ଲୋକଙ୍କ ସହମତିରେ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତ ଦେହକୁ ଅପରାହ୍ନରେ ପରିବାର ଲୋକଙ୍କ ଜିମା ଦିଆଯାଇଛି ବୋଲି ପୋଲିସ କହିଛି।

## କଳିଙ୍ଗନଗର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ବାହାରେ




ଦାନଗଦି: (ମହାଭାରତ) କଳିଙ୍ଗ ନଗର ଟ୍ରାଫିକ ସମସ୍ୟାକୁ ନେଇ ଦିନକୁଦିନ କଳିଙ୍ଗନଗର ଅଶାନ୍ତ ପଡ଼ିଥିବା ବେଳେ ,ଟ୍ରାଫିକ ସମସ୍ୟା ପାଇଁ କଳିଙ୍ଗନଗର ରେ ବସବାସ କରୁଥିବା ବାସିନ୍ଦା ବୋହୁ ପ୍ରକାର ସମସ୍ୟାରେ ସମ୍ମୁଖୀନ ହେଉଥିବାର ଦେଖିବାକୁ ବାରମ୍ବାର ମିଳୁଛି।ଡୁବୁରୀ ଛକ ରୁ ଆରମ୍ଭ ହୋଇ ଟାଟା ୩ ନମ୍ବର ଛକ ସହ ମାନପୁର ଓଭର୍ ବ୍ରିଜ ଦାନଗଦି ମିଲ୍ଟାରି ଛକ ପ୍ରୟନ୍ତ ଅତ୍ୟଧିକ ଟ୍ରାଫିକ ସମସ୍ୟାରେ ଉବୁଟୁବୁ। ଏଠାରେ ବସ ବାସ କରୁଥିବା ବାସିନ୍ଦାଙ୍କ ସହ ଯାତାୟାତ କରୁଥିବା ଯାତ୍ରି ମଧ ବୀଭିନ୍ୟା ସମସ୍ୟାରେ ପଡୁଛନ୍ତି।ଅନେକ ଧନ ଜୀବନ ହାନି ମଧ ହେଉଅଛି। ଡୁବୁରୀ ଛକ ରାସ୍ତାରେ ବଡ଼ବଡ଼ ଖାଲ ସହ ଧୁଳିଧୁଆଁରେ ଲୋକେ ପ୍ରଭାବିତ ହେଉଥିବା ବେଳେ , ଟାଟା ୩ ନମ୍ବର ଛକ ରେ ଅତ୍ୟଧିକ ଭାରିଜାନ ମାଲ୍ ବୋଝେଇ ଗାଡ଼ି ଜାମ୍ ହେବାରୁ ସାଧାରଣ ଲୋକେ ଭୟଭୀତ ହେବା ସହ ଜାମ ରୁ ବର୍ତ୍ତି ପାରୁନାହାନ୍ତି ସାଧାରଣ ଲୋକେ,ମାନପୁର ଓଭର ବ୍ରିଜ ଟ୍ରାଫିକ ସମସ୍ୟା କଥା ନକହିବା ଭଲ ସକାଳ ଆରମ୍ଭ ରୁ ରାତ୍ରି ୧୧ ଘଟିକା ପର୍ଯ୍ୟନ୍ତ ଓଭର ବ୍ରିଜ ଜାମ ହେବା ଫଳରେ ଘଣ୍ଟା ଘଣ୍ଟା ସମୟ ଧରି ଅପେକ୍ଷା କରି ଯାତାୟାତ କରୁଛନ୍ତି ସାଧାରଣ ଲୋକେ,କଳିଙ୍ଗନଗରରେ ଟ୍ରାଫିକ ସମସ୍ୟା ଦୂରୀକରଣ ନହୋଇ ଅତ୍ୟଧିକ ମାତ୍ରାରେ ବଢ଼ିବାକୁ ଲାଗିଛି। ଧୀରେ ଧୀରେ ଏହାର ଗତି ବଢ଼ିଚାଲିଛି ଏହାର ସମାଧାନ ଅଗବୁ ନହେଲେ ଏହା କଳିଙ୍ଗନଗର ବୋହୁ ସମସ୍ୟା ଆଣିବ ଆଗାମୀ ଦିନରେ, ପ୍ରଶାସନ ଏହାର ପଦକ୍ଷେପ ଗ୍ରହଣ କରି କାରଖାନା ମାନଙ୍କୁ ସତର୍କ କରି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରାଇଲେ ବୋହୁ ଦୁର୍ଘଟଣା ରୁ ବର୍ତ୍ତି ପରନ୍ତେ ସାଧାରଣ ବାସିନ୍ଦା।

## ଆନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ଦିବସ ପାଳନ

ଆସିକା (ମହାଭାରତ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମସ୍ତ ଅଧାପକ ଅଧାପିକାଙ୍କ ସମେତ କଲେଜର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବୟସ୍କ ବ୍ୟକ୍ତିଙ୍କ ଆସୁ ଆରୋଗ୍ୟ କାମନା କରିବା ସହ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସହଯୋଗ କରିବା ପାଇଁ ପ୍ରାର୍ଥନା କରାଯାଇଥିଲା, ଏଥି ସଙ୍ଗେ ସଙ୍ଗେ ଶପଥ ପାଠ କରାଯାଇଥିଲା। ଅଧ୍ୟକ୍ଷ ଡ. ଚୌଧୁରୀ ବୟସ୍କ ବ୍ୟକ୍ତିଙ୍କ ଦିଗ୍ଦର୍ଶନ ଏବଂ ପରାମର୍ଶକୁ ପାଥେୟ କରି ଚାଲିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଆଜି ଯୁବା ପୀଢ଼ୀ ଉଚ୍ଚ ଶିକ୍ଷିତ ହେଲେ ସୁଦ୍ଧା ନିଜର ଜନ୍ମଦାତା ବାପା-ମାଁଙ୍କୁ ଜୀବନର ମଝି ଦରିଆରେ ଛାଡ଼ି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ସାମାନ୍ୟ ଅର୍ଥର ପ୍ରଲୋଭନରେ ଆସକ୍ତ ହୋଇ ନିଜର ପରିବାର ସହ ବିଦେଶ ଗମନ କରୁଛନ୍ତି। ଯଦ୍ୱାରା ଆଜି ବୟସ୍କ ବ୍ୟକ୍ତିଙ୍କ ଯତ୍ନର ଘୋର ଅଭାବ ପରିଲକ୍ଷିତ ହୋଇଛିୟ ତେଣୁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଅଭିନବ ପ୍ରୟାସକୁ ସାକାର କରିବା ପାଇଁ ଏହି ଦିବସକୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ କରାଯାଇଥିଲା। ପରିଶେଷରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପିକା ଡ. ସ୍ମିତାରାଣୀ ପଣ୍ଡା, ଅଧାପକ ଡ. ଅଜିତ କୁମାର ମୁନୀ, ଲେବୋରାଟାରୀ ଶିକ୍ଷକ ମୁନା ଗୌଡ଼ ଏବଂ ଅଧ୍ୟକ୍ଷ ସମସ୍ତ ଛାତ୍ରଛାତ୍ରୀଙ୍କୁ ବୟସ୍କ ବ୍ୟକ୍ତିଙ୍କୁ ସହଯୋଗ, ସେବା ଓ ଶୁସ୍ରୁଷା କରିବା ପାଇଁ ଶପଥ ପାଠ କରାଇଥିଲେ।

## ୫୭୫୦ ଲିଟର ପୋଚ ନଷ୍ଟ,୩୯୦ ଲିଟର ମଦ ଜବତ,ତିନି ଗିରଫ



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଅବକାରୀ ପକ୍ଷରୁ ବେଆଇନ ମଦ ପ୍ରସ୍ତୁତି ସ୍ଥନାରେ ଚଢ଼ାଉ କରାଯାଇଛି । ଆସିକା ଥାନା ବାଲିସିରା ଗ୍ରାମ ନକଟ ରେ ଚାଲିଥିବା ତିନୋଟି ପୃଥକ ପୃଥକ ସ୍ଥାନରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଭାଟି ରେ ଆଜି ଅବକାରୀ ବିଭଗ ଚଢ଼ାଉ କରି ୫୭୫୦ ଲିଟର ପୋଚ ନଷ୍ଟ କରିବା ସହ ୩୯୦ ଲିଟର ମଦ ସହ ତିନି ଜଣ ଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ଆସିକା ଅବକାରୀ ବିଭାଗ ଓଆଇସି ପ୍ରଦୀପ କୁମାର ମହାନ୍ତି । ତେବେ ଗିରଫ ତିନି ଜଣ କାମେଶ୍ୱର ନାଇକ, ବବୁଲୁ ନାଇକ ଓ ରିଙ୍କୁ ଭୋଳ ହୋଇଥିବା ଜଣାପଡିଛି। ଗିରଫ ସମସ୍ତ ଅଭିଯୁକ୍ତ ଙ୍କୁ ଗୁରବାର ରାତି ୭ ଟା ସମୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପରେ କୋର୍ଟ ଚାଲାଣ କରାଯାଇଥିବା ଦେଖିବାକୁ ମିଳିଛି।ତେବେ ଚିକିଟି ମଦ ମୃତ୍ୟୁ ପରେ ଅବକାରୀ ବିଭାଗ ଆକ୍ସନ ମୋଡ଼ କୁ ଆସିଛି କ୍ଷ ଅବକାରୀ ଅଧିକ୍ଷକ ଙ୍କ ନିର୍ଦେଶ କ୍ରମେ ଅଞ୍ଚଳରେ ହେଉଥିବା ଚୋରା ମଦ କାରବାର ରୋକିବା ଲାଗି ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଉଥିବା ସୂଚନା ମିଳିଛି ।

### ଦୁଇ ଯୁବକଙ୍କୁ ଉଲଗ୍ନ କରି ମାଡ ଘଟଣା

## ବନ୍ଧା ହେବେକି କମ୍ପାନୀ ମାଲିକ

ଢେ଼ଙ୍କାନାଳ(ମହାଭାରତ)- ମଣିଷ ଯେ କେତେବେଳେ ରାକ୍ଷାସ ପାଲଟିଯାଏ ତାହା ସହଯେ ଅନୁମାନ କରିହୁଏ ନାହିଁ । କିନ୍ତୁ ମଣିଷରୁ ରାକ୍ଷାସ ପାଲଟିଲା ପରେ ମଧ୍ୟ ଯଦି ନିଜର ଭୂଲ କୁ ମାନେ ନାହିଁ ତେବେ ଏଭଳି ବ୍ୟକ୍ତି ମାନଙ୍କୁ କ'ଣ କୁହାଯିବ ? ଏମିତି ଏକ ସଂଘାତିକ ମାନବାଧିକାର ଖଣ୍ଡନର ଲୋମ ଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଥିଲା ଢେ଼ଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ନିମିଧା ଠାରେ ଥିବା ଏକ ପ୍ଲାଣ୍ଟ ପରିସରରେ। ଏକ ଗାଡିରୁ ବ୍ୟାଟେରୀ ଚୋରି କରୁଥିବାର ସନ୍ଦେହ କରି ସେହି ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ସ୍ଥନୀୟ ନୀମିଧା ଅଞ୍ଚଳର ଦୁଇ ଯୁବକଙ୍କୁ ଉଲଗ୍ନ କରି ରାତି ତମାମ୍ ନିଷ୍ଠୁର ଭାବେ ମାଡ଼ ମାରି ଲହୁଲୁହାଣ କରିବା ଏବଂ ପରେ ସେହି ଭିଡ଼ିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ପରେ ପୋଲିସ ଅଭିଯୋଗ ମୁତାବକ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ନିଜର କର୍ତ୍ତବ୍ୟ ସାରି ଦେଇଛି । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଉକ୍ତ କମ୍ପାନୀ ମାଲିକ , କମ୍ପାନୀ ଜେନେରାଲ ମ୍ୟାନେଜର ଓ କଂପାନୀର ଅନ୍ୟ ଅଧିକାରୀ ଯେଉଁମାନେ ଏଭଳି ବର୍ବୋରୋଚିତ କାଣ୍ଡ ଘଟାଇବାକୁ ସାହସ ଦେଇଥିଲେ ସେମାନଙ୍କ ବିରୁଦ୍ଧରେ କାହିଁକି ପୋଲିସ ବା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଏ ସମ୍ପର୍କରେ ଆମେ କମ୍ପାନୀ ମାଲିକଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ସେ ଫୋନ ଉଠାଇ ନଥିଲେ। ତେବେ କମ୍ପାନୀ ଜେନେରାଲ ମ୍ୟାନେଜର ନିଜକୁ ଅଦାଲତ ଠାରୁ ଉପରେ ଭାବିନେଇଛନ୍ତି ଏବଂ ଉକ୍ତ ଦୁଇ ଯୁବକଙ୍କୁ ଚୋର ଆକ୍ଷା ଦେଇ ଦଣ୍ଡ ମଧ୍ୟ ଦେଇ ସାରିଛନ୍ତି । ତେବେ ଏ ନେଇ ଆଜି ଉଭୟ ଶ୍ରମିକ ଓ ମନବାଧିକାରୀ କର୍ମୀ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି ଜିଲ୍ଲାପାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶୃତି ମଧ୍ୟ ଦେଇଛନ୍ତି । ତେବେ ଘଟଣା ଘଟିବାର ବହୁ ଦିନ ପରେ ମଧ୍ୟ କମ୍ପାନୀ ମାଲିକ କିମ୍ବା କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ବିକାଶ ପରିଷଦ ପକ୍ଷ ରୁ ସାଂସଦ ଙ୍କୁ ଦାବିପତ୍ର



ପାଟଣା:-(ମହାଭାରତ) ପାଟଣା କୁ ଉପଖଣ୍ଡ ମାନ୍ୟତା ଦାବି ନେଇ ପାଟଣା ସାହାରପଡା ବିକାଶ ପରିଷଦ ର ଦାବି ଜୋର ଧରିଥିବା ବେଳେ ବୁଧବାର ଏହି ଦାବି ନେଇ ବିକାଶ ପରିଷଦ ର ୫ଜଣିଆ ପ୍ରତିନିଧି ଦଳ କେନ୍ଦୁଝରର ସାଂସଦ ଅନନ୍ତ ନାଏକ ଙ୍କୁ ଭେଟି ପାଟଣା କୁ ଉପଖଣ୍ଡ ମାନ୍ୟତା ଦାବି ଏ ସମ୍ବନ୍ଧୀୟ ରେ ଏକଲିଖିତ ପତ୍ର ପ୍ରଦାନ କରିଛନ୍ତି ।ଏହି ପ୍ରତିନିଧି ମଣ୍ଡଳୀରେ ସର୍ବଶ୍ରୀ ଅଜୟ କୁମାର ଦାଶ, ଯୁଗଳ କିଶୋର ଦାଶ, ଲକ୍ଷ୍ମଣ କୁମାର ଦାଶ, ସରୋଜ କୁମାର ମିଶ୍ର ଓ ଦୁର୍ଗାଚରଣ ନାୟକ ପ୍ରମୁଖ ସାମିଲ ଥିଲେୟ ସାଂସଦ ଶ୍ରୀ ନାଏକ ଦାବିପତ୍ର ଗ୍ରହଣ କରି ସେ ସାଂସଦ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ମନରେଗା ଦୁର୍ନୀତିର ତଦନ୍ତ ନିରପେକ୍ଷତାକୁ ନେଇ ପ୍ରଶ୍ନବାଚୀ

ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଲାଂଜି ଗ୍ରାମପଞ୍ଚାୟତ ଅଧିନସ୍ଥ ଉପରପିଟା ଗାଁ ତେନ୍ତୁଲବନ୍ଧ ଉନ୍ନତିକରଣ ନାଁ ରେ କାମ ନକରି ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ ପରେ ଖଡ଼ିଆଳ ବ୍ଲକ ମନରେଗା ବିଭାଗ ରେ ହଇଚଇ ଖେଳିଯାଇଥିଲା। ଦୋଷୀ ମାନଙ୍କ ବିରୁଦ୍ଧ ରେ ଦୃଢ଼ରୁ ଦୃଢ଼ କାର୍ଯ୍ୟାନଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିବା ବେଳେ । ଏଥିରେ ଖଡ଼ିଆଳ ବ୍ଲକ ର ବିଭାଗୀୟ ଅଧିକାରୀ ଙ୍କ ସମ୍ପୃକ୍ତି ଥିବା ଗାଁ ଲୋକେ ଅଭିଯୋଗ ଆଣିଥିଲେ। କେବଳ ଯେ ଗ୍ରାମ ରୋଜଗାର ସେବକ ଏଥିରେ ଦୋଷୀ ତାହା ନୁହେଁ ଏଥିରେ ଏପିଓ, ବିଏଫଟି, ଯନ୍ତ୍ରୀ ଭଳି ବଡ ବଡିଆ ଙ୍କ ମଧ ହାତ ଅଛି ବୋଲି ଗାଁ ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିଭିଓ ଗଣ ମାଧମ ରେ ଖବର ପ୍ରସାରଣ ପରେ ଏକ ତଦନ୍ତକାରୀ ପ୍ରତିନିଧି ଦଳ ଉପରପିଟା ଗାଁ କୁ ଯାଇ ସରଜମିନ ତଦନ୍ତ କରିଛି । ଏହି ତଦନ୍ତକାରୀ ଦଳ ରେ ଖଡ଼ିଆଳ ବିଡ଼ିଓ ନରସିଂହ ଗଡବା ଙ୍କ ନେତୃ ରେ ଦୁଇ ସହକାରୀ ଯନ୍ତ୍ରୀ, ଜଣେ କନିଷ୍ଠ ଯନ୍ତ୍ରୀ ଙ୍କ ସହ ସ୍ଥାନୀୟ ଏପିଓ ସାମିଲ ଥିଲେ । ଗାଁ ଲୋକ ଙ୍କ ସହ ଅଭିଯୋଗ କାରୀ ଙ୍କ ଗହଣ ରେ ସ୍ଥାନୀୟ ଗ୍ରାମ ରୋଜଗାର ସେବକ ଙ୍କୁ ତନତନ କରି କାମ ବାବଦ ରେ ପଚାରି ବୁଝିଥିଲେ ତଦନ୍ତକାରୀ ଅଧିକାରୀ । ଆଉ ଶେଷ ରେ ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନ କୁ ପ୍ରେରଣ କରାଯିବ ଜିଲ୍ଲା ପ୍ରଶାସନ ଏହା ଉପରେ ବିହି ପଦକ୍ଷେପ ନେବେ ବୋଲି ଖଡ଼ିଆଳ ବିଡ଼ିଓ ପ୍ରକାଶ କରିଥିଲେ । ଅପରପକ୍ଷରେ ତଦନ୍ତ ତଦନ୍ତରେ ନରହି ଦୁର୍ନୀତି ରେ ସମ୍ପୃକ୍ତି ଥିବା କର୍ମଚାରୀ ଓ ଅଧିକାରୀ ଙ୍କ ବିରୁଦ୍ଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଉପସ୍ଥିତ ଗ୍ରାମବାସୀ ଦାବି କରିଥିବା ବେଳେ ସ୍ଥାନୀୟ ସରପ□ ଙ୍କ ଅଜାଣ୍ତ ରେ ଏହି ଦୁର୍ନୀତି ହୋଇଛି ଯାହାଦ୍ୱାରା କି ପଞ୍ଚାୟତ ବଦନାମ ହୋଇଛି ଏଣୁ ଦୋଷୀ ଦଣ୍ଡ ପାଉ ବୋଲି ସ୍ଥାନୀୟ ସରପ□ କହିଛନ୍ତି । ବର୍ତ୍ତମାନ ଏତେ ବଡ଼ ଦୁର୍ନୀତିରେ ତଦନ୍ତ କିପରି ହୋଇଛି ଲୋକ ଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି । ଯେଉଁ ବ୍ଲକ ଅଧିକାରୀ ଙ୍କ ଅଧୀନରେ ଏହି ଦୁର୍ନୀତି ହୋଇଛି ସେହି ବ୍ଲକ ଅଧିକାରୀ ଙ୍କୁ ତଦନ୍ତ ଭାର ଦିଆଯିବା କେତେ ଯୁକ୍ତିଯୁକ୍ତ ତାହା ଏବେ ଚର୍ଚ୍ଚା ରେ । ଜିଲ୍ଲା ପ୍ରଶାସନ ଏହି ଘଟଣା କୁ ଦୃଢ଼ତା ର ସହ ନେଇ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ମାନଙ୍କ ବିରୁଦ୍ଧ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇ ପଡିଛି । ମନରେଗା କାମ ଟଙ୍କା ପଇଠ ରେ ଗାଁ ସାଥି ଠାରୁ ନେଇ ବିଏଫଟି, ଏପିଓ, ଯନ୍ତ୍ରୀ ଙ୍କ କର୍ତ୍ତବ୍ୟ ଥିବା ବେଳେ କିଛି ତଳ ସ୍ତରର କର୍ମଚାରୀ ଙ୍କୁ ସବୁ ଦୋଷ ଲଦିଦେଇ ସମସ୍ତେ ମୁକୁରି ଯିବା ଅନ୍ୟାୟ ହେବ ବୋଲି ବୁଦ୍ଧିଜୀବୀ ଚର୍ଚ୍ଚା କରୁଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଧ୍ୟାନ ଦେଇ ଉଚି଼ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛ।

## ଆସିକା ଚିନିଶିଳ୍ପର ନୂତନ ଏମ ଡ଼ି ଭାବେ ଯୋଗ ଦେଲେ ସୁଶାନ୍ତ ପଣ୍ଡା

ଆସିକା (ମହାଭାରତ): ଏସିଆ ମହାଦେଶ ର ସର୍ବ ପୁରାତନ ଆସିକା ଚିନିଶିଳ୍ପ ର ପରିଚାଳନା ନିର୍ଦ୍ଦେଶକ ରୂପେ ସୁଶାନ୍ତ କୁମାର ପଣ୍ଡା ଙ୍କୁ ଦାୟିତ୍ୱ ମିଳିଛି। ରାଜ୍ୟ ସରକାର ଙ୍କ ସମବାୟ ବିଭାଗ ନୋଟିଫିକେସନ ନମ୍ବର ୧୦୫୫୫ ପ୍ରକାର ରେ ଏହି ଅର୍ଡର ବାହାରିଛି । ସେ ୨୦୧୮ ଆଇ ଆଇ ଟି ଖଡ଼ଗପୁର ରୁ ପି.ଏଚ .ଡ଼ି ଲାଭ କରିଛନ୍ତି । ତାଙ୍କର ଗବେଷଣା ସ୍ତରୀୟ ସୁନ୍ଦର ଲେଖା ବିଭିନ୍ନ ଅନ୍ତରଜାତୀୟ ପତ୍ରିକା ରେ ପ୍ରକାଶ ପାଇଛି । ତାଙ୍କୁ ଗତ ୨୦୧୮ ମସିହାରେ ଦକ୍ଷ ସମବାୟ ପ୍ରଶାସନିକ ଅଧିକାରୀ ର ପୁରସ୍କାର ପ୍ରଦାନ କରାଯାଇଛି । ଏଥି ପୂର୍ବରୁ ସେ ରାଜ୍ୟ ସରକାର ଙ୍କ ସମବାୟ ବିଭାଗ ର ଅତିରିକ୍ତ ନିବନ୍ଧକ ସମବାୟ ସମିତି ରେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ୨୦୨୪ ରୁ ଡ଼ି ଆର ସି ଏସ ରୂପେ କାର୍ଯ୍ୟ କରୁଥିଲେ । ଏଥି ପୂର୍ବରୁ ସେ ଆସିକା ଚିନି କାରଖାନା ର ସମ୍ପାଦକ, ବ୍ରହ୍ମପୁର ଖଣ୍ଡ ର ଉପ ନିବନ୍ଧକ ସମବାୟ ସମିତି ରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଆସିକା ସହର ଖମ୍ବେଶ୍ୱରୀ ପାଟଣା ର ଜଣେ ଯୁବ, ଦକ୍ଷ ସମବାୟ ଅଧିକାରୀ ରୂପେ ଆସିକା ଚିନିଶିଳ୍ପ ର ଏମ. ଡ଼ି ଦାୟିତ୍ୱ ମିଳିଥିବାରୁ ଅଂଚଳ ରେ ଖୁସି ର ଲହରୀ ଖେଳି ଯାଇଛି । ରୁଗଣ ହୋଇ ପଡିଥିବା ଚିନି କାରଖାନା ର ଭାଗ୍ୟ ବଦଳିବ ବୋଲି ଅନେକ ସମବାୟ ବିତ ଏବଂ ବୁଦ୍ଧିଜୀବୀ ଆଶା ରଖିଛନ୍ତି ।

## ପୋଖରୀରେ ବୁଡି଼ ମହିଳା ମୃତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଏକ ଅଭାବନୀୟ ଘଟଣାକ୍ରମେ ପୋଖରୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁବରଣ କରିଛନ୍ତି । ଖବରରୁ ପ୍ରକାଶ ଢେ଼ଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ବମ୍ପା ପଞ୍ଚାୟତ ବ୍ରାହ୍ମଣୀଆପାଳ ଗାଁର କୁନି ପ୍ରଧାନ ଆଜି ଦିନ ୧୦ଟା ସମୟରେ ଗାଁ ପାଖରେ ଥିବା ଓକିଲ ଘାଇ ବନ୍ଧକୁ ଗାଧୋଇବାକୁ ଯାଇଥିବା ସମୟରେ ଅନ୍ୟମନସ୍କ ହୋଇ ଗୋଡ଼ ଖସିଯିବାରୁ କୁନି ପାଣି ଭିତରେ ବୁଡ଼ି ଯାଇଥିଲେ ଏବଂ ପହଁରା ଶିଖି ନଥିବାରୁ ଉଦ୍ଧାର ପାଇଁ ଚିତ୍କାର କରିବାରୁ ସ୍ଥାନୀୟ ଗ୍ରାମବାସି ଓ ପରିବାର ଗୁରୁତର ଅବସ୍ଥାରେ କୁନି ପ୍ରଧାନଙ୍କୁ ଉଦ୍ଧାର କରି ଖଜୁରୀଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରିଥିଲେ ମାତ୍ର ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରାସୋଳ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ପଠାଇଦେବା ସହ ଏକ ଅପମୃତ କେଶନଂ-ଇଉଡି ୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଜିନ୍ଦଲ ଫାଉଣ୍ଡେସନ ତରଫରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଉଦଯାପିତ

ଯୋଡ଼ା/ବଡ଼ବିଲ (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା /ବଡ଼ବିଲ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା, ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଏକ ସପ୍ତାହ ବ୍ୟାପି ସ୍ୱଚ୍ଛତା କାର୍ଯ୍ୟକ୍ରମ ବଡ଼ବିଲ ପେଲେଟ୍ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ୍ ମାଇନ୍ସ ଅଂଚଳରେ ପାଳିତ ହୋଇଯାଇଛି । ଉକ୍ତ ଅଂଚଳରେ ଅବସ୍ଥିତ ଗ୍ରାମ ଗୁଡିକର ଶତାଧିକ ମହିଳା, ପୁରୁଷ ଓ ଯୁବକ ଯୁବତୀ ମାନଙ୍କ ମିଳିତ ଉଦ୍ୟମରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ଗ୍ରାମ ଗୁଡିକର ମୁଖ୍ୟ ରାସ୍ତା, ବିଦ୍ୟାଳୟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ସଫେଇ କାର୍ଯ୍ୟ କରାଯାଇ, 'ସ୍ୱଚ୍ଛତା ହିଁ ସେବା' ମହତ ବାର୍ତ୍ତା କୁ ଗ୍ରାମବାସୀ ମାନଙ୍କ ପାଖରେ ପହଞ୍ଚାଯାଇଥିଲା ।ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରେ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ ବିଲେଇପଦା ଛକରେ ବିଶାଳ ସ୍ୱଛତା ଅଭିଯାନର ଉଦଯାପନି ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ପ୍ରଗତି ଯୁବକ ସଂଘ ବିଲେଇପଦାର ସମସ୍ତ ସଦସ୍ୟ,ଏସ ଏଚ ଜି ମେମ୍ବର, ଅଂସେଇକଳା ପଂଚାୟତ ଓ କଣ୍ଡରା ପଂଚାୟତର ମାନ୍ୟଗଣ୍ୟ ସମାଜସେବୀ ଉପସ୍ଥିତି ଓ ସହଯୋଗ କ୍ରମେ ବିଲେଇପଦା ମାର୍କେଟ ଅଂଚଳ ସଫେଇ କାର୍ଯ୍ୟ କରାଯାଇଥିଲା । ଜିନ୍ଦଲ ଫାଉଣ୍ଡେସନର ଡେପୁଟି ମେନେଜର ଶ୍ରୀ ଯଦୁମଣୀ ମହାନ୍ତଙ୍କ ତତ୍ତ୍ୱାବଧାନାରେ ସମସ୍ତ ସି ଏସ ଆର ସଦସ୍ୟ, ମାନବ ସମ୍ବଳ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାଶିଆ ଆଇରନ ଏବଂ ଡୋଲମାଇଟ ଖଣି ପକ୍ଷରୁ ମଧ୍ୟ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସେରେଣ୍ଡା ଓ ଭଦ୍ରାସାହି ପଂଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ କାଶିଆ (କ) ସରକାରୀ




ପ୍ରାଥମିକ ବିଦ୍ୟାଳୟ କାଶିଆ (ଖ)ର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସ୍ୱଚ୍ଛତାର ବାର୍ତ୍ତା ବହନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଜିନ୍ଦଲ ଅଧିନସ୍ଥ କାଶିଆ ଆଇରନ ଓ ଡୋଲମାଇଟ ଖଣିରୁ ଆରମ୍ଭ ହୋଇ କାଶିଆ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଚାଲିଥିଲା । 'ସ୍ୱଚ୍ଛ ଭାରତ, ସବୁଜ ଭାରତ' ନାରା ସହିତ, ଏହି ପରିପ୍ରେକ୍ଷୀରେ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଏକ ହଜାର ଗ୍ରାମବାସୀଙ୍କୁ ଗୋଟିଏ ଲେଖାଏଁ ଫଳ ଗଛର ଚାରା ବଣ୍ଟନ କରାଯାଇଥିଲା । ଏହି ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମରେ ୟୁନିଟ ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର, ପରିବେଶ ଏବଂ ସର୍ଭେ ମୁଖ୍ୟ ଶ୍ରୀ ରଜନିଶ ଚତୁର୍ବେଦୀ, ଖଣି ପରିଚାଳକ ଶ୍ରୀ ରଣଜିତ ଚୌଧୁରୀ କାଶିଆ କଲୋନୀ ବାସିନ୍ଦା, ଶିଶୁ, କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ସଙ୍ଗିନୀ ପ୍ରମୁଖ ଯୋଗ ଦେଇଥିଲେ । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଟେନ୍ସା ଅଂଚଳରେ ବିଭିନ୍ନ ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଟେନ୍ସା ସରପ□ ଶ୍ରୀମତୀ ଅନିତା ପୂର୍ତ୍ତି, ତନ୍ତ୍ରୟ ଗ୍ରାମର ଅଙ୍ଗନବାଡି ଠାରେ ଉଦଘାଟନ କରିଥିଲେ। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ତନ୍ତ୍ରୟ ଓ ଜିରୋ ପଏଣ୍ଟ ଠାରେ ରାସ୍ତା, ନାଳ, ପାଣି ଟ୍ୟାପ ପଏଣ୍ଟ, ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକୁ ସଫେଇ କରାଯାଇଥିଲା । ଶେଷରେ ଗାନ୍ଧୀ ଜୟନ୍ତୀ ଅବସରରେ ଡେଙ୍ଗୁଲା ସରକାରୀ ହାଇସ୍କୁଲ ଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ଜିନ୍ଦଲ ଟେନ୍ସା ଲୌହ ଖଣିର ମୁଖ୍ୟ ଶ୍ରୀ ରଘୁରାଜ ରଘୁବଂଶୀ, ଶ୍ରୀ ସଞ୍ଜୟ କୁମାର ଏବଂ ଶ୍ରୀ ପଦ୍ମଲୋଚନ ପ୍ରଧାନ, ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥିଲେ ଶେଷରେ ବିଦ୍ୟାଳୟ ପରିସରରେ 'ମା ପାଇଁ ଗଛଟିଏ' ଧାରାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

## ଇଫକୋ ପାରାଦୀପ ୟୁନିଟ ନିର୍ଦ୍ଦେଶକ କେ.ଜେ.ପଟେଲ ଙ୍କୁ ଲାଇଫଟାଇମ ଆଚିଭମେଣ୍ଟ ଆୱାର୍ଡ

ପାରାଦୀପ(ମହାଭାରତ):ପାରାଦୀପ - ଇଫକୋ ପାରାଦୀପ ୟୁନିଟ ର ନିର୍ଦ୍ଦେଶକ କେ.ଜେ.ପଟେଲ ଙ୍କୁ ତାଙ୍କର ବିଶେଷ ଅବଦାନ ପାଇଁ ଖ୍ୟାତନାମା ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଓଡିଶାର ରାଜ୍ୟପାଳଙ୍କ ଦ୍ୱାରା ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ସ୍ଥିତ ମେଫେୟାର ସମ୍ମିଳନୀ ଗୃହରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କର୍ପୋରେଟ କ୍ଷେତ୍ରର ଜଣେ ବିଶିଷ୍ଟ ବ୍ୟକ୍ତି ଶ୍ରୀ ପଟେଲଙ୍କୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କ ଦ୍ୱାରା ସମ୍ମାନଜନକ ଲାଇଫଟାଇମ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର କର୍ପୋରେଟ ଜଗତରେ ପଟେଲଙ୍କ ବିପୁଳ ଅବଦାନ, କୃଷି ସମ୍ପ୍ରଦାୟର ଉନ୍ନତି, ପରିବେଶ ପରିଚାଳନା ଏବଂ ସ୍ଥାନୀୟ ସାମାଜିକ ବିକାଶ ପାଇଁ ତାଙ୍କର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି । ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର୍



କୋଅପରେଟିଭ୍ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍ ର ନିର୍ଦ୍ଦେଶକ ଶ୍ରୀ ପଟେଲ ଏହି ସଂଗଠନକୁ ସମଗ୍ର ଭାରତରେ ୫ କୋଟି ରୁ ଉର୍ଦ୍ଧ ଚାଷୀଙ୍କ ସହାୟତା କରି ଇଫକୋ ଅନୁଷ୍ଠାନ କୁ ଏକ ସ୍ତମ୍ଭରେ ପରିଣତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ନେତୃତ୍ୱ ଇଫକୋ କୁ ନୂତନ ଉଚ୍ଚତାରେ ପହଞ୍ଚାଇବା ସହିତ ଶ୍ରେଷ୍ଠତ୍ୱରେ ପହଞ୍ଚାଇ ପାରିଛି । ଏହା ନିଶ୍ଚିତ କରେ ଯେ ଏହାର କାର୍ଯ୍ୟ କେବଳ କୃଷି କ୍ଷେତ୍ର ନୁହେଁ ପରିବେଶ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଛି ।ଶ୍ରୀ ପଟେଲଙ୍କ ତ□ାବଧାନରେ ଇଫକୋ ପାରାଦୀପ ୟୁନିଟ୍ ଅତୁଳନୀୟ ସଫଳତା ହାସଲ କରି ଦେଶବ୍ୟାପୀ କୃଷକମାନଙ୍କ ପାଇଁ କୃଷି ସହାୟତାର ମୂଳଦୁଆ ପାଲଟିଛି । ସ୍ଥାୟୀ କୃଷି ପ୍ରଣାଳୀ, ଗ୍ରାମୀଣ ବିକାଶ ଏବଂ ସମ୍ପ୍ରଦାୟର କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ତାଙ୍କର ପଦକ୍ଷେପ କର୍ପୋରେଟ୍ ଏବଂ ସାମାଜିକ କ୍ଷେତ୍ରରେ ସ୍ମରଣୀୟ ହୋଇ ରହିବ। ଲକ୍ଷ ଲକ୍ଷ କୃଷକଙ୍କ ଜୀବିକା ନିର୍ବାହ ତଥା ଭାରତର କୃଷି ଅର୍ଥନୀତିକୁ ସୁଦୃଢ କରିଥିବାରୁ ତାଙ୍କର ଏହି ଉଦ୍ୟମକୁ ପ୍ରଶଂସା କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କର୍ପୋରେଟ୍ ପ୍ରତିନିଧି ଏବଂ ଗଣମାଧ୍ୟମର ସଦସ୍ୟମାନେ ଯୋଗ ଦେଇ ଶ୍ରୀ ପଟେଲଙ୍କ ସମାଜରେ ଅସାଧାରଣ ଅବଦାନକୁ ପ୍ରଶଂସା କରିଥିଲେ। ତାଙ୍କର ସେବା ଏବଂ ନବସୃଜନର ଉ□ରାଧିକାରୀ ଓ ନୂତନ ପିଢ଼ିକୁ ନିରନ୍ତର ବିକାଶ ପାଇଁ ପ୍ରେରଣା ଯୋଗାଇବାରେ ସହାୟକ ହେବ ।



ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ






# ନୂଆ ଦଳର ନାଁ ଘୋଷଣା କଲେ ପ୍ରଶାନ୍ତ କିଶୋର



**ପାଟନା,୩।୧୦(ଏଜେନ୍ସି):** ନିର୍ବାଚନୀ ରଣନୀତିକାରରୁ ରାଜନେତା ହୋଇଥିବା ପ୍ରଶାନ୍ତ କିଶୋର ପାଟନାର ଭେଟନାରୀ ଗ୍ରାଉଣ୍ଡରେ ଔପଚାରିକ ରୂପରେ ନିଜ ରାଜନେତିକ ଦଳକୁ ଲଞ୍ଚ୍ କରିଛନ୍ତି । ପ୍ରଶାନ୍ତ କିଶୋର ନିଜ ପାର୍ଟିର ନାଁ 'ଜନ ସୁରଜ ପାର୍ଟି' ରଖିଛନ୍ତି । ଏହାସହ ପ୍ରଶାନ୍ତ କିଶୋର ଘୋଷଣା କରିଛନ୍ତି କି ତାଙ୍କ ସରକାର ହେବ ତ ମଦ ନିଷେଧକୁ ବନ୍ଦ କରିଦିଆଯିବ । ପ୍ରଶାନ୍ତ କିଶୋର ପ୍ରଥମରୁ ସ୍ପଷ୍ଟ କରି ଦେଇଛନ୍ତି କି ବିହାରରେ ୨୦୨୫ରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ତାଙ୍କ ପାର୍ଟି ସବୁ ସିଟରେ ନିଜର ପ୍ରାର୍ଥୀ ଓହ୍ଲାଇବ । ଦଳକୁ ଲଞ୍ଚ୍ କରି ପ୍ରଶାନ୍ତ କିଶୋର କହିଛନ୍ତି କି, ଜନ ସୁରଜ ଅଭିଯାନ ୨-୩ବର୍ଷରୁ ଚାଲୁଛି । ଲୋକ ପଚାରୁଛନ୍ତି କି ଆମେ ପାର୍ଟି କେବେ କରିବୁ । ଭଗବାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି କି ଆଜି ନିର୍ବାଚନ ଆୟୋଗ ଅଫିସିଆଲ ଭାବେ ଜନ ସୁରଜକୁ ଜନ ସୁରଜ ପାର୍ଟି ରୂପରେ ସ୍ୱୀକାର କରି ନେଇଛନ୍ତି । ଏହି ଅବସରରେ ପ୍ରଶାନ୍ତ କିଶୋର କହିଛନ୍ତି କି ଯଦି ରାଜ୍ୟରେ ଆମ ସରକାର ହେବ ତ ଏକ ଘଣ୍ଟା ଭିତରେ ମଦ ନିଷେଧର ନୀତିକୁ ଉପାଡ଼ି ଫିଙ୍ଗିଦେବୁ । ଏହା ସହ ସେ କହିଛନ୍ତି କି ଏହି ଟଙ୍କାର ବ୍ୟବହାର ବିହାରରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ କରିବୁ ।

ସେ କହିଛନ୍ତି କି, ଯଦି ବିହାରରେ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା କରିବାକୁ ହେବ ତ ଆଗାମୀ ୧୦ବର୍ଷରେ ୫ଲକ୍ଷ କୋଟି ଟଙ୍କା ଜରୁରୀ ହେବ । ଯେତେବେଳେ ମଦ ନିଷେଧ ହଟାଇବା ତ ଉକ୍ତ ଟଙ୍କା ବଜେଟରେ ଯିବ ନାହିଁ ଏବଂ ନା ନେତାଙ୍କ ସୁରକ୍ଷା ଲାଗି ବ୍ୟବହାର କରାଯିବ ଏବଂ ନା ଏହାର ଉପଯୋଗ ରାସ୍ତା, ପାଣି ଏବଂ ବିଜୁଳି ଲାଗି କରାଯିବ । ଏହାର ଉପଯୋଗ କେବଳ ବିହାରରେ ନୂତନ ଶିକ୍ଷା ବ୍ୟବସ୍ଥା କରିବା ଲାଗି କରାଯିବ । ମଦ ନିଷେଧ ହେବା ଦ୍ୱାରା ବିହାରକୁ ପ୍ରତ୍ୟେକ ବର୍ଷ ୨୦,୦୦୦କୋଟି ଟଙ୍କାର କ୍ଷତି ହେଉଛି ।

# ଭାରତର ସାମୁଦ୍ରିକ ବାଣିଜ୍ୟ ଠପ୍ ହେବା ଆଶଙ୍କା

**ନୂଆଦିଲ୍ଲୀ,୩।୧୦(ଏଜେନ୍ସି):** ଇରାନ ପକ୍ଷରୁ ଇସ୍ରାଏଲ ଉପ ରେ କ୍ଷେପଣାସ୍ତ୍ର ଆକ୍ରମଣ ପରେ ପଶ୍ଚିମ ଏସିଆରେ ବିବାଦ ପରିସ୍ଥିତି ଏକ ନୂତନ ତଥା ଅତ୍ୟନ୍ତ ଅସ୍ଥିର ପର୍ଯ୍ୟାୟରେ ପହଞ୍ଚିଛି । ଏହା ସହିତ ବାଣିଜ୍ୟରେ ଦୀର୍ଘକାଳୀନ ବାଧା ଯୋଗୁ ଭାରତ ସମେତ ସାରା ବିଶ୍ୱରେ ବ୍ୟବସାୟୀଙ୍କ ପାଇଁ ସମସ୍ୟା ବୃଦ୍ଧି ପାଇଛି । ଏହାର କାରଣ ହେଉଛି, ଲୋହିତ ସାଗର ପରିବହନ ମାର୍ଗ, ଯାହା ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ । ଆଶା କରାଯାଉଥିବା ସମୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବିଶ୍ୱର ଶିପିଂ ପରିବହନ ଲାଇନଗୁଡିକ ପାଇଁ ଏହା ଉପଲବ୍ଧ ହୋଇ ନ ପାରେ । ଏହି କାରଣରୁ, ମାଲ ପରିବହନ ଦର ବହୁତ ଉଚ୍ଚସ୍ତରରେ ପହଞ୍ଚିପାରେ । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଦିନକୁ ଦିନ ବଢୁଥିବା ବିବାଦ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିଛି । ୟେମେନରେ ହୁତି ବିଦ୍ରୋହୀଙ୍କ ସହ ହିଜବୁଲ୍ଲାର ଘନିଷ୍ଠ ସମ୍ପର୍କ ରହିଛି । ଲୋହିତ ସାଗର ମାର୍ଗରେ ଜିହାଦୀମାନଙ୍କ ଉପରେ ହୋଇଥିବା ଅଧିକାଂଶ ଆକ୍ରମଣ ପାଇଁ ହୁତି ବିଦ୍ରୋହୀମାନେ ଦାୟୀ । ୟୁରୋପ, ଆମେରିକା, ଆଫ୍ରିକା ଏବଂ ପଶ୍ଚିମ ଏସୀୟ ଦେଶ ସହିତ ବାଣିଜ୍ୟ ପାଇଁ ସୁଏଜ୍ କେନାଲ ଦେଇ ଏହି ମାର୍ଗ ଭାରତ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସାମୁଦ୍ରିକ ବାଣିଜ୍ୟ ପାଇଁ ଏହି ମାର୍ଗ ଉପରେ ଭାରତ ନିର୍ଭରଶୀଳ । ଭାରତୀୟ ରପ୍ତାନିକାରୀମାନେ ଦୀର୍ଘ ଦିନରୁ ଭୟ କରୁଥିଲେ ଯେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସିଧାସଳଖ ବିବାଦ ଲୋହିତ ସାଗର ମାର୍ଗ ଉପରେ ପ୍ରଭାବ ପକାଇପାରେ, ଯାହା ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ରପ୍ତାନିକାରୀମାନେ ଏହି ବିବାଦର ପ୍ରଭାବକୁ ସ୍ପଷ୍ଟ ଅନୁଭବ କରୁଛନ୍ତି । ଅଗଷ୍ଟରେ ଏହି ମାର୍ଗର ରପ୍ତାନିରେ ୯ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଥିଲାୟ ବର୍ତ୍ତମାନ କ୍ରମାଗତ ଭାବରେ ଉତ୍ତେଜନା ବୃଦ୍ଧି ପାଇବା ସହିତ ପରିସ୍ଥିତି ଗୁରୁତର ହେବାର ସମ୍ଭାବନା ମଧ୍ୟ ବଢ଼ିଛି ।



# ପେଟ୍ରୋଲିୟମ ଡିଲର ସଂଘର ବାର୍ଷିକ ସାଧାରଣ ବୈଠକ




କେନ୍ଦୁଝର, ୩୦।୦୯ (ନିପ୍ର) : କେନ୍ଦୁଝର ସହରର ଢାଙ୍ଗରପଡା ନିକଟରେ ଥିବା ଅମ୍ବିକା ମଣ୍ଡପ ପରିସରରେ ପେଟ୍ରୋଲିୟମ ଡିଲର ସଂଘ ଓଡିଶାର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଅଂଚଳର ପେଟ୍ରୋଲିୟମ ଡିଲରମାନେ ଉପସ୍ଥିତ ରହି ସରକାରଙ୍କ ପେଟ୍ରୋଲିୟମ ଡିଲରମାନଙ୍କ ପାଇଁ ଉଦିଷ୍ଟ ବିଭିନ୍ନ ନୂତନ ନିୟମାବଳୀ ଉପରେ ଅବଗତ ହେବା ସହିତ ମତାମତ ରଖିଥିଲେ । ସଂଘର ବାର୍ଷିକ ସାଧାରଣ ବୈଠକରେ ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ କମ୍ପାନୀର ଡିଲରମାନେ ସାମିଲ ହୋଇଥିଲେ । ପେଟ୍ରୋଲିୟମ ଡିଲର ସଂଘ ଓଡିଶାର ରାଜ୍ୟ ସଭାପତି ଶଶାଙ୍କ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ କର୍ଣ୍ଣାଟକ ରାଜ୍ୟ ସିଆଇପିଡିଏର ଉପଦେଷ୍ଟା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଲୋକେଶ ମଲାଙ୍ଗୀ ଯୋଗଦେଇ ପେଟ୍ରୋଲିୟମ ଡିଲରମାନଙ୍କୁ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ, ପ୍ରଧାନମନ୍ତ୍ରୀ କୃଷକ ବୀମା ଯୋଜନାର କିପରି ସଫଳ ରୂପାୟନ ହୋଇପାରିବ ତଥା ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ସହିତ ଡିଲର ନୀତିନିୟମ ଉପରେ ବିସ୍ତୃତ ଭାବେ ଅବଗତ କରିଥିଲେ । ସମ୍ମାନିତ ଅତିଥି ଭାବେ ପେଟ୍ରୋଲିୟମ ଡିଲର ସଂଘରାଜ୍ୟ ସମ୍ପାଦିକା ବିଜୟଲକ୍ଷ୍ମୀ ସେଠୀ, ଉପସଭାପତି ଶ୍ରୀରାମ ସାହୁ, କେନ୍ଦୁଝର ପୌରାଧକ୍ଷ ନିକୁ ସାହୁ, ବାଲେଶ୍ୱରରୁ ଲକ୍ଷ୍ମୀନାରାୟଣ ମହାନ୍ତି, ବିଏସ ପେଟ୍ରୋଲ ପମ୍ପର ଦୀପକ କୁମାର ସାହୁ, ବିକାଶ ମହାନ୍ତି, କେନ୍ଦୁଝର ସଂଘ ସମ୍ପାଦକ ଶଙ୍କର୍ଷଣ ବେହେରା, କଟକର ବିନୋଦ କୁମର ଟିବ୍ରିୱାଲ ପ୍ରମୁଖ ମଂଚାସୀନ ଥିଲେ ।

## ଏଡସ ସଚେତନତା କାର୍ଯ୍ୟକ୍ରମ



**ଚୌଦ୍ୱାର,(ନିପ୍ର):** ଚୌଦ୍ୱାର ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ଼ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଏଚ୍ଆଇଭି ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୋଡାଲ କନଭେନର ଡ.ସସ୍ମିତା ପଟ୍ଟନାୟକ, ଏସସିବି ମେଡିକାଲ କଲେଜର ସୁପରଭାଇଜର ଅଞ୍ଜଳୀ ଦାସ, ପ୍ରଧାପିକା ବିଲକେଶ ପର୍ବିନ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଏଡ଼ସ ଓ ଏଚ୍ଆଇଭି ସଂକ୍ରମଣ, ଏହାର ନିରାକଣ ଓ ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏଥି ସହିତ ଯୁବ ରେଡ଼କ୍ରସ୍‌ରେ ଛାତ୍ରଛାତ୍ରୀ ମାନଙ୍କ ଯୋଗଦାନ, ସେମାନଙ୍କ ଦାୟିତ୍ୱ ଏବଂ ଏ ସମ୍ପର୍କିତ ନିୟମାବଳୀ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୬୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଅଧାପିକା ଡ. ମମତା ସାହୁ ଓ ଦେବାଶିଷ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାଉନସିଲର ଅଧାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷଣ ଶିବିର



**ଦିଗପହଣ୍ଡି,(ନି.ପ୍ର):** ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଶୁକ୍ରବାର ଦିନ ଦିଗପହଣ୍ଡି ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସକାଶେ ସହାୟକ ଉପକରଣ ବଣ୍ଟନ ନିମନ୍ତେ ଏକ ଡାକ୍ତରୀ ପରୀକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସେହିପରି ଏବିଇଓ ବାଳା ମାଝୀ, ରସାନନ୍ଦ ଘଡେଇ ଏବଂ ବିଶ୍ରବା ପାଇକ, ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀ, ଏନ୍ ଏସି କ୍ଲଷ୍ଟର ସିଆରସିସି ଅନୀଲ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ରହି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଦିଗପହଣ୍ଡି, ସାନଖେମୁଣ୍ଡି ଏବଂ ଶେରଗଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୬୦ ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଉପସ୍ଥିତ ରହି କଟକର ଅଶ୍ୱିନୀ ହସ୍ପିଟାଲରୁ ଆସିଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ନିଜର ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ । ଶିବିରରେ ଛାତ୍ରଛାତ୍ରୀଙ୍କ ମସ୍ତିଷ୍କ ପକ୍ଷାଘାତ, ସ୍ୱଳ୍ପ ଦୃଷ୍ଟିବାଧିତ, ଗ୍ରହଣ ଖଣ୍ଡିଆ, ତାଳୁକଣା ଭଳି ଅନେକ ରୋଗର ପରୀକ୍ଷଣ ପରେ ସହାୟକ ଉପକରଣର ଯତ୍ନ ତଥା ସରକାରଙ୍କ ଭିନ୍ନକ୍ଷମ ମାନଙ୍କ ପ୍ରତି କରାଯାଇଥିବା ଜନ ଆଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସାନଖେମୁଣ୍ଡି ଗୋଷ୍ଠୀ ସମ୍ବଳ ଶିକ୍ଷକ ସର୍ବେଶ୍ୱର ସାହୁ, ଶେରଗଡ଼ ଗୋଷ୍ଠୀ ସମ୍ବଳ ଶିକ୍ଷକ ମାଗତା ପଣ୍ଡା, କୁକୁଡାଖଣ୍ଡି ସମ୍ବଳ ଶିକ୍ଷକ ଅଜୟ ସାହୁ ସମେତ ସମସ୍ତ ଅନ୍ତ ନିର୍ବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସହଯୋଗ ପ୍ରଦାନ କରିଥିଲେ ।

## ସମଗ୍ର ଶିକ୍ଷା ଯୋଜନା ଦିଗହରା; ୫ ଶ୍ରେଣୀକୁ ଜଣେ ମାତ୍ର ଶିକ୍ଷକ

# ବିପଦ ସଙ୍କୁଳ ଅବସ୍ଥାରେ ସଫିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ




**ନିଶ୍ଚିନ୍ତକୋଇଲି,(ନି.ପ୍ର):** ଶିକ୍ଷାକୁ ସାର୍ବଜନୀନ କରାଇବା ଓ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ବିଦ୍ୟାଳୟ ପ୍ରତି ଛାତ୍ର ଛାତ୍ରୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ମାଗଣାରେ ମଧ୍ୟାହ୍ନ ଭୋଜନ,ପାଠ୍ୟପୁସ୍ତକ,ପୋଷାକ ଓ ଜୋତା ମୋଜା ଯୋଗାଇ ଦେଉଛନ୍ତି । ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦେଉଛନ୍ତି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ରହିଥିବା ସଫିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଏକ ବିପଦ ସଙ୍କୁଳ ଓ ଜରାଜୀର୍ଣ୍ଣ ଗୃହରେ ଚାଲିଥିବାର ଅଭିଯୋଗ ହୋଇଛି । ଏପରିକି ଏହି ବିଦ୍ୟାଳୟରେ ୫ଟି ଶ୍ରେଣୀକୁ ମାତ୍ର ଜଣେ ଶିକ୍ଷକ ରହି ଶିକ୍ଷାଦାନ ଦେଉଥିବାର ଅଭିଯୋଗ ହୋଇଛି । କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଂଚାୟତ ସଫିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଗତ ୧୯୭୨ ମସିହାରେ ସ୍ଥାପନ କରାଯାଇଥିଲା । ଏହି ବିଦ୍ୟାଳୟରେ ୫ଟିଶ୍ରେଣୀ ରହିଛି । ବିଦ୍ୟାଳୟର ୫ଟି ଶ୍ରେଣୀରେ ୩୫ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି । ଦୀର୍ଘ ଦିନ ହେଲା ଏହି ବିଦ୍ୟାଳୟଟି ଏକ ବିପଦ ସଙ୍କୁଳ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏକ ଆଜବେଷ୍ଟ ଗୃହରେ ଚାଲିଛି । ଏହି ଆଜବେଷ୍ଟ ଗୃହର କାନ୍ଥ ଫାଟି ଆଁ କରିଥିଲା ବେଳେ ଆଜବେଷ୍ଟ ଗୁଡିକ ଭାଙ୍ଗିରୁଜି ଯାଇଛି । ଟିକିଏ ବର୍ଷା ହେଲେ ଶ୍ରେଣୀରେ ପାଣି ଲହଡି ଖେଳୁଛି । ଫଳରେ ଛାତ୍ର ଛାତ୍ରୀମାନେ ଅଧ୍ୟୟନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । କେତେବେଳେ ଏହି ବିପଦ ସଙ୍କୁଳ ଶ୍ରେଣୀଗୃହ କୋମଳମତୀ ଛାତ୍ର ଛାତ୍ରୀଙ୍କ ଜୀବନ ଦୀପକୁ ଲିଭାଇଦେବ ତାହା ନେଇ ଅଭିଭାବକ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଏପରିକି ଏହି ବିଦ୍ୟାଳୟରେ ପାନୀୟ ଜଳର ସୁବନ୍ଦୋବସ୍ତ ନଥିଲା ବେଳେ ମଳମୂତ୍ର ତ୍ୟାଗ ନିମନ୍ତେ ଉପଯୁକ୍ତ ପାଇଖାନାର ସୁବିଧା ସୁଯୋଗ ନଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଏହି ବିଦ୍ୟାଳୟର ୫ଟିଶ୍ରେଣୀ ନିମନ୍ତେ ମାତ୍ର ଜଣେ ଶିକ୍ଷକ ରହିଥିବାର ଜଣାଯାଇଛି । ତେବେ ବହୁ ସମୟରେ ବିଦ୍ୟାଳୟର ଅଫିସ କାର୍ଯ୍ୟ ଏବଂ ତାଲିମ ନେବା ନିମନ୍ତେ ଜଣେ ଶିକ୍ଷକଙ୍କୁ ଯିବାକୁ ପଡୁଥିବା କାରଣରୁ ବିଦ୍ୟାଳୟରେ ତାଲା ଝୁଲୁଥିବାର ଅଭିଯୋଗ ହୋଇଛି । ଫଳରେ ଛାତ୍ର ଛାତ୍ରୀମାନେ ନିରାଶରେ ଘରକୁ ଫେରିବାକୁ ବାଧ୍ୟ ହେଉଛନ୍ତି । ଏସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବା ନିମନ୍ତେ ଛାତ୍ରାଭିଭାବକ ମହଲରେ ଦୃଢ ଦାବି ହୋଇଛି ।

# ବ୍ଲକସ୍ତରୀୟ ପୋଷଣ ମାସ ପାଳନ



**ଦିଗପହଣ୍ଡି,(ନି.ପ୍ର):** ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଶୁକ୍ରବାର ଦିନ ବ୍ଲକ ସ୍ଥିତ ସଭାଗୃହ ପରିସରରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧିକାରିଣୀ ପୁଷ୍ପାଞ୍ଜଳି ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଯମୁନା ନାୟକ ମୁଖ୍ୟ ଅତିଥି, ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରଶ୍ମୀ ପ୍ରକାଶିନୀ ଜାନୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଉମେଶ ସେଠୀ, ସହଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ ପ୍ରମୁଖ ମଞ୍ଚାସୀନ ରହି ପୋଷଣଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶିଶୁ ଓ ମାଆ ମାନଙ୍କ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଶିଶୁଙ୍କ ଅନ୍ନପ୍ରାଶନ କରାଇଥିବା ମାଆ, ଗର୍ଭବତୀ ମାଆ, ଶିଶୁକୁ ସୁସ୍ଥ ସବଳ କରାଇଥିବା ମାଆ ଏବଂ ଗେହ୍ଲା ଝିଅ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପୋଷଣ ପାଳନ ସମ୍ବନ୍ଧିତ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ କିଶୋରୀ ବାଳିକା ଏବଂ ୧୧ ଗୋଟି ସେକ୍ଟରରୁ ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ସେକ୍ଟର ସୁପ୍ରଭାଇଜର ସଞ୍ଜୁଲତା ପାଣିଗ୍ରାହୀ ଓ ଶାନ୍ତିଲତା ଶତପଥୀ ମିଳିତ ଭାବେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ସେକ୍ଟରର ସୁପ୍ରଭାଇଜର, ଅଙ୍ଗନୱାଡ଼ି କର୍ମୀ ମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

# କାଇନେଟିକ୍ ଗ୍ରୀନ ଏହାର ଇଲେକ୍ଟ୍ରିକ୍ ତିନି ଚକିଆ ଯାନ ସଫର ସ୍ମାର୍ଟର ନୂତନ ସୀମିତ ସଂସ୍କରଣ

**ଭୁବନେଶ୍ୱର,୩।୧୦ (ମହାଭାରତ):** କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାୱାର ସଲ୍ୟୁସନ ଲିମିଟେଡ଼, ଯାହାକି ଭାରତର ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇ ଚକିଆ ଯାନ (ଇଟୁଡ଼ବ୍ଲୁ) ଏବଂ ବୈଦ୍ୟୁତିକ ତିନି ଚକିଆ ଯାନ (ଇଥ୍ରିଡ଼ବ୍ଲୁ) ର ନିର୍ମାଣକାରୀ ପ୍ରତିଷ୍ଠାନ, ଅତି ଉତ୍ସୁକତାର ସହିତ ଏହାର ସୀମିତ ସଂସ୍କରଣ ସଫର ସ୍ମାର୍ଟ ଯାତ୍ରୀବାହୀ ଯାନର ଘୋଷଣା କରିଛି ଯାହାକି ଉଭୟ ଲିଡ଼ ଏସିଡ଼ ଏବଂ ଲିଥିୟମ ବ୍ୟାଟେରୀ ବିଭାଗରେ ଉପଲବ୍ଧ ଅଟେ ।

ଏହା ଉଭୟ ଯାତ୍ରୀବାହୀ ତଥା ମାଲପରିବହନ ପାଇଁ ଯଥେଷ୍ଟ ପରିସର ପ୍ରଦାନ କରୁଛି, ଯାହାକି ସେହି ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ ଯେଉଁମାନେ ଦୁଇଟି କାର୍ଯ୍ୟକାରୀତାର ଆବଶ୍ୟକତା କରିଥାନ୍ତି । ଏଥିରେ ବିଶେଷ ଭାବରେ ମଜବୁତ୍ କଠିନ ଛାତ ସହିତ ଧରି ରଖିବା ପାଇଁ ଉତ୍ସର୍ଗୀକୃତ ବ୍ୟବସ୍ଥା ରହିଛି ଯାହାକି ଯାତ୍ରୀମାନଙ୍କର ଯାତ୍ରା ସମୟରେ ଉଭୟ ଆରାମଦାୟକତା ପ୍ରଦାନ କରିବା ସହିତ ସେମାନଙ୍କର ଜିନିଷପତ୍ର ମଧ୍ୟ ଏଥିରେ ସୁରକ୍ଷିତ ଭାବରେ ଏହାର ଛାତ ଉପରେ ନେବାରେ ସୁବିଧା ହୋଇଥାଏ । ଅତିରିକ୍ତ ଭାବରେ, ଏଥିରେ ଏକ ମ୍ୟୁଜିକ୍ ସିଷ୍ଟମର ବ୍ୟବସ୍ଥା ସହିତ ଏହାର ଚଟାଣରେ ମ୍ୟାଟର ବ୍ୟବସ୍ଥା ଏବଂ ଏଥିରେ ରହିଛି ଷ୍ଟାଇଲିଷ୍ଟ ହ୍ୱିଲ କ୍ୟାପ ଏବଂ ସର୍ବୋପରି ଏ ସମସ୍ତ ସୁବିଧା ସାଧାରଣ ମଡ଼େଲ ତୁଳନାରେ କେବଳ ମାତ୍ର ୫୦୦୦/- ଟଙ୍କାର ଅଧିକ ମୂଲ୍ୟରେ ମିଳିଥାଏ । ଆସନ୍ତା ପର୍ବାଣୀ ଋତୁର ଆଗମନ ସହିତ ମିଳିତ ଭାବରେ, ବ୍ୟୟ ଭାରକୁ ଏକାଠି କରିବା ସହିତ, କିଛି ବିଶେଷତ୍ୱକୁ ବୃଦ୍ଧି କରି ଏକ ଅଦ୍ୱିତୀୟ ମୂଲ୍ୟ ପ୍ରଦାନ କରିବା ପାଇଁ କାଇନେଟିକ୍ ଗ୍ରୀନ ଏହାର ସମସ୍ତ ତିନି ଚକିଆ ଯାନ ପରିସରରେ ସବୁ ପ୍ରକାର ବିଶେଷ ରିହାତି କରୁଅଛି ଯାହା ମଧ୍ୟରେ ରହିଛି କିଛି ବିଶେଷ ସଂସ୍କରଣ, ଅଗ୍ରଣୀ ଭାଗୀଦାରୀଙ୍କ ସହିତ ମିଳିତ ସହଯୋଗରେ ଆକର୍ଷଣୀୟ ଆର୍ଥିକ ରିହାତିର ଯୋଡ଼ି ତଥା ମାଲିକାନା ପ୍ରସ୍ତୁତ ପାଇଁ ସହଜ ଏବଂ ଗ୍ରହଣୀୟ ଉପାୟ । ଏହି ରିହାତି ଗୁଡ଼ିକ ବ୍ୟବସାୟୀକ ସଂଯୋଗକରଣ ସହିତନବରାତ୍ରୀ ଉତ୍ସବର ପ୍ରଥମ ଦିନରୁ ଆରମ୍ଭ ହେବ । କାଇନେଟିକ୍ ଗ୍ରୀନ ଦୁଇଟି ବିଶିଷ୍ଟ ଆର୍ଥିକ ସଂସ୍ଥା ସହିତ ଯୋଡ଼ି ହୋଇଛି ଯଥା- ଟେଲମଣ୍ଡଲମ୍ ଫାଇନାନ୍ସ ଏବଂ ରେଭଫିନ ଫାଇନାନ୍ସ ଯାହାକି ଅନେକଗୁଡ଼ିଏ ଆର୍ଥିକ ପ୍ୟାକେଜିଙ୍ଗକୁ ଗ୍ରହଣ କରିବା ସହିତ ଗ୍ରାହକମାନଙ୍କୁ ସହଜ ସୁଲଭ ଭାବରେ ସେମାନଙ୍କର ମାଲିକାନାତ୍ୱ ଇଚ୍ଛାକୁ ତିନି ଚକିଆ ଯାନ କ୍ରୟରେ ସନ୍ତୁଷ୍ଟ ପାଇଁ ସବୁ ପ୍ରକାର ରିହାତି ପ୍ରଦାନ କରିଅଛି ।

# ବ୍ଲୁ କ୍ଲାଉଡ୍ ସଫଟେକ୍ ସଲ୍ୟୁସନ୍ ଲିମିଟେଡ୍ ଆଇଏସ୍‌ଓ ୯୦୦୧-୨୦୧୫ ଏବଂ ଆଇଏସ୍‌ଓ ୨୭୦୦୧-୨୦୨୨ ସାର୍ଟିଫିକେଟ୍ ହାସଲ

**ଭୁବନେଶ୍ୱର,୩।୧୦ (ମହାଭାରତ):** ହାଇଦ୍ରାବାଦସ୍ଥିତ ବ୍ଲୁ କ୍ଲାଉଡ୍ ସଫଟେକ୍ ସଲ୍ୟୁସନ୍ ଲିମିଟେଡ୍ ଆଇଏସ୍‌ଓ ୯୦୦୧-୨୦୧୫ ଏବଂ ଆଇଏସ୍‌ଓ ୨୭୦୦୧-୨୦୨୨, ସାର୍ଟିଫିକେସନ୍ - ବ୍ଲୁ କ୍ଲାଉଡ୍ ସଫଟେକ୍ ସଲ୍ୟୁସନ୍ସ ଲିମିଟେଡ୍, ଆଇଟି ସଲ୍ୟୁସନ୍ର ଅଗ୍ରଣୀ ପ୍ରଦାନକାରୀ, ଗର୍ବର ସହ ଘୋଷଣା କରିଛି ଯେ ଏହାକୁ ଆଇଏସ୍‌ଓ ୯୦୦୧-୨୦୧୫ ଏବଂ ଆଇଏସ୍‌ଓ ୨୭୦୦୧-୨୦୨୨ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ଏହି ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତିପ୍ରାପ୍ତ ସାର୍ଟିଫିକେଟ୍ ଗୁଡ଼ିକ ବ୍ଲୁ କ୍ଲାଉଡ୍ ସଫଟେକ୍ ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁସରଣ ଏବଂ ସୁରକ୍ଷିତ, ଉଚ୍ଚ ଗୁଣବତା ଆଇଟି ସମାଧାନ ପ୍ରଦାନ କରିବା ପାଇଁ ଏହାର ସମର୍ପଣର ପ୍ରମାଣ । ସିଏଫ୍‌ଓ ତଥା ବ୍ଲୁ କ୍ଲାଉଡ୍ ସଫଟେକ୍ ସଲ୍ୟୁସନ୍ ଲିମିଟେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ମନୋଜ ସାଣ୍ଡିଲ୍ୟା ତେଲକାପଲ୍ଲୀ କହିଛନ୍ତି ଯେ "ଆଇଏସ୍‌ଓ ସାର୍ଟିଫିକେଟ୍ ହାସଲ କରିବା ଆମ ସଂସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଗୁଣବତା, ନିରାପତା ଏବଂ ସେବା ଯୋଗାଣର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ଏହା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ସାର୍ଟିଫିକେଟ୍ ଗୁଡ଼ିକ ଆମ ଦଳର କଠିନ ପରିଶ୍ରମ ଏବଂ ସମର୍ପଣର ସିଧାସଳଖ ଫଳାଫଳ, ଏବଂ ଏହା ବିଶ୍ୱବ୍ୟାପୀ ଆମର ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ପ୍ରଦାନ କରିବାର ଆମର କ୍ଷମତାକୁ ଆହୁରି ସୁଦୃଢ଼ କରିଥାଏ ।"

# ଜେଏମ୍ ଫାଇନାନ୍ସିଆଲ ସର୍ଭିସେସ୍ ଓଡିଶାରେ ପ୍ରବେଶ କରି ଭୁବନେଶ୍ୱରରେ ପ୍ରଥମ ଶାଖା ଖୋଲିଲା

**ଭୁବନେଶ୍ୱର,୩।୧୦ (ମହାଭାରତ):** ଭାରତର ଅନ୍ୟତମ ପ୍ରତିଷ୍ଠିତ ଆର୍ଥିକ ସେବା କମ୍ପାନୀ ଜେଏମ୍ ଫାଇନାନ୍ସିଆଲ ସର୍ଭିସେସ୍ (ଜେଏମଏଫଏସ) ଭୁବନେଶ୍ୱରରେ ଏହାର ଶାଖା ଆରମ୍ଭ କରିବା ସହିତ ଓଡିଶାରେ କାର୍ଯ୍ୟ ଆରମ୍ଭ କରିଛି । ଶିଶୁ ଭବନ ଛକ ନିକଟରେ ପ୍ରଶାନ୍ତି ବିଲଡିଂରେ ଅବସ୍ଥିତ ଏହି ଶାଖା ଇକ୍ୱିଟି ବ୍ରୋକିଂ, ୱେଲଥ୍ ପରିଚାଳନା ଏବଂ ପୋର୍ଟଫୋଲିଓ ମ୍ୟାନେଜମେଂଟ ସର୍ଭିସେସ୍ ମଧ୍ୟରେ ପୁଞ୍ଜି ବିନିଯୋଗ ସମାଧାନ ପ୍ରଦାନ କରିବ । ଯାହା ଷ୍ଟକ, ଇକ୍ୱିଟି ଡେରିଭେଟିବସ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଏବଂ ବୀମା ପରି ବିଭିନ୍ନ ସମ୍ପତି ଶ୍ରେଣୀର ପ୍ରବେଶକୁ ସକ୍ଷମ କରିବ । ଏହା ସହିତ ଏକ ସୁଦୃଢ଼ ଅନୁସନ୍ଧାନ ଏବଂ ପରାମର୍ଶଦାତା ଦଳ ଦ୍ୱାରା ଦୀର୍ଘ ଏବଂ ସ୍ୱଳ୍ପ ମିଆଦି ବିନିଯୋଗ ସୁଯୋଗ ଚିହ୍ନଟ କରିବ । ଜେଏମଏଫଏସ ସହରର ନିବେଶକମାନଙ୍କୁ ଭାରତର ଗତିଶୀଳ ଅର୍ଥନୈତିକ ଦୃଶ୍ୟପଟ୍ଟର ସୁଯୋଗକୁ ପୁଞ୍ଜି ଦେବା ଏବଂ ଆତ୍ମବିଶ୍ୱାସ ସହିତ ସେମାନଙ୍କର ଆର୍ଥିକ ଲକ୍ଷ୍ୟରେ ପହଂଚାଇବାକୁ ଲକ୍ଷ୍ୟ ରଖିଛି ।

ଏହି ନୂତନ ଶାଖା ଇନଭେଷ୍ଟମେଂଟ ଆଡଭାଇଜରୀ ଆଣ୍ଡ ଡିଷ୍ଟ୍ରିବ୍ୟୁଶନର ଏମଡି ତଥା କୋ-ହେଡ ଡିମ୍ପଲକୁମାର ଶାହାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏହାର ଦ୍ରୁତ ଗତିରେ ବଢୁଥିବା ରଣନୀତିକ ବଜାରରେ ଏହାର ଆଂଚଳିକ ପଦଚିହ୍ନକୁ ସ୍ଥାୟୀ କରିବା ପାଇଁ ପ୍ରତିବଦ୍ଧତାର ପ୍ରମାଣ ଅଟେ । କମ୍ପାନୀ ଏହାର ପ୍ରସିଦ୍ଧ ପାରଦର୍ଶୀତା ଏବଂ ଅତ୍ୟାଧୁନିକ ବିନିଯୋଗ ସମାଧାନକୁ ଏହାର ମୂଲ୍ୟବାନ ଗ୍ରାହକଙ୍କ ନିକଟତର କରିବାକୁ ଉତ୍ସାହିତ ଅଛି । ଗତ କିଛି ବର୍ଷ ମଧ୍ୟରେ ଭୁବନେଶ୍ୱର ଆଇଟି, ଉତ୍ପାଦନ ଏବଂ ଶିଳ୍ପ ପ୍ରକଳ୍ପର ଏକ ହବ ଭାବରେ ବିକଶିତ ହୋଇଛି ଏବଂ ଏକ ଆର୍ଥିକ ହବ ଭାବରେ ଏକ ଗତିଶୀଳ ଏବଂ ବଢୁଥିବା ନିବେଶକ ଗୋଷ୍ଠୀଙ୍କ ଦ୍ୱାରା ବେଶ ଆଶାଜନକ ରହିଛି । ଏଥିସହ, ରାଜ୍ୟ ହେଉଛି ଏକ ପସନ୍ଦଯୋଗ୍ୟ ବିନିଯୋଗ ଗନ୍ତବ୍ୟସ୍ଥଳ ଏବଂ ଭାରତର କେତେକ ଅଗ୍ରଣୀ ସଂଗଠନର ଉପସ୍ଥିତି ଏଠାରେ ରହିଛି । ସେସବୁ ମଧ୍ୟରେ କନଗଲୋମେରେଟସ, ଟେକ୍ନୋଲୋଜି ମେଜର, ପିଏସୟୁ ତଥା ଘରୋଇ କମ୍ପାନୀ ରହିଛନ୍ତି । ଶାଖାର ଉଦଘାଟନ ସମ୍ପର୍କରେ ଡିମ୍ପଲକୁମାର ଶାହା କହିଲେ, ଭୁବନେଶ୍ୱର ଭଳି ଉଚ୍ଚ ସମ୍ଭାବ୍ୟ ସହରରେ ଉପସ୍ଥିତ ଥିବା ସୁଯୋଗକୁ ନେଇ ଆମେ ଉତ୍ସାହିତ ।

### ମହିଳା ଟି୨୦ ବିଶ୍ୱକପ୍ : ଉଦ୍‌ଘାଟନୀ ମ୍ୟାଚରେ ବାଂଲାଦେଶ ବିଜୟୀ

# ଆଜି ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

ଦୁବାଇ,୩।୧୦: ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଗୁରୁବାରଠୁ ଆରମ୍ଭ ହୋଇଛି। ନବମ ସଂସ୍କରଣ ଏଥର ମହିଳା ଫଟାଫଟ୍ କ୍ରିକେଟ୍ ମହାକୁମ୍ଭରେ ୧୦ଟି ଦଳ ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରେ ୨୩ଟି ମ୍ୟାଚ୍ ଖେଳାଯିବ। ବିଶ୍ୱକପ୍ ୩ରୁ ଆରମ୍ଭ ହୋଇ ୨୦ ତାରିଖରେ ଉଦ୍‌ଯାପିତ ହେବ। ବାଂଲାଦେଶ ଏହି ବିଶ୍ୱକପ୍‌ର ଆୟୋଜକ ଦେଶ କିନ୍ତୁ ଦେଶରେ ରାଜନୈତିକ ଅସ୍ଥିରତା ଓ ସୁରକ୍ଷା ସମସ୍ୟାକୁ ଦୃଷ୍ଟିରେ ରଖି ଆଇସିସି ଶେଷରେ ଟୁର୍ଣ୍ଣାମେଣ୍ଟକୁ ୟୁଏଇକୁ ସ୍ଥାନାନ୍ତରିତ କରିଛି। ଉଦ୍‌ଘାଟନୀ ଦିବସରେ ବାଂଲାଦେଶ ଓ ସ୍କଟଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ବାଂଲାଦେଶ ୧୧୯ ରନ୍‌ରେ ୭ ୱିକେଟ ହରାଇଥିବାବେଳେ ସ୍କଟଲାଣ୍ଡ ମାତ୍ର ୧୦୩ ରନ୍ କରିଥିଲା।




ଆସନ୍ତାକାଲି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ମହିଳା ଦଳ ଅଭିଯାନ ଆରମ୍ଭ କରିବ। ସେହିପରି ୬ରେ ପାକିସ୍ତାନକୁ, ୯ ତାରିଖରେ ଶ୍ରୀଲଙ୍କା ଏବଂ ୧୩ ତାରିଖରେ ଅଷ୍ଟ୍ରେଲିଆକୁ ଭେଟିବ। ଗ୍ରୁପ୍ ଏରେ ସବୁ ଦଳ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୬ ଥର ବିଶ୍ୱକପ୍ ବିଜୟୀ ଟିମ୍ ରହିଛି। କଙ୍ଗାରୁ ଟିମ୍ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦, ୨୦୨୩ରେ ହୋଇଥିବା ଟି-୨୦ ବିଶ୍ୱକପରେ ବିଜୟୀ ହୋଇଥିଲା। ଏହାଛଡ଼ା ଇଂଲଣ୍ଡ ୨୦୦୯ରେ ପ୍ରଥମ ସଂସ୍କରଣ ଓ ୱେଷ୍ଟଇଣ୍ଡିଜ ୨୦୧୬ରେ ଚାମ୍ପିଅନ ହୋଇଥିଲା।

ଏଥର ଟି-୨୦ ବିଶ୍ୱକପ୍‌ରେ ଭାରତ ପକ୍ଷରୁ ନେତୃତ୍ୱ ନେଉଛନ୍ତି ହର୍ମନପ୍ରୀତ କୌର। ଦଳର ଅନ୍ୟ ଖେଳାଳିମାନେ ହେଲେ ସ୍ମୃତି ମନ୍ଧନା, ଶେଫାଳି ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଯଷ୍ଟିକା ଭାଟିଆ, ପୂଜା ବସ୍ତ୍ରକାର, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର, ଦୟାଲାନ ହେମଲତା, ଆଶା ଶୋଭନା, ରାଧା ଯାଦବ, ଶ୍ରୀୟଙ୍କା ପାଟିଲ ଓ ସଜନା ସଞ୍ଜୀବନ। ଦୀର୍ଘ ପ୍ରତୀକ୍ଷାର ଅନ୍ତଃ ଘଟାଇ ଏଥର ଭାରତୀୟ ଦଳ ଟାଇଟଲ ସ୍ୱପ୍ନ ପୂରା କରିବା ଲକ୍ଷ୍ୟରେ ରହିଛି। ଭାରତ ୨୦୨୦ରେ ଫାଇନାଲ ଖେଳି ରନର୍ସଅପ୍‌ରେ ରହିଥିଲା।

ୟୁଏଇର ୨ଟି ସ୍ଥାନ ଦୁବାଇ ଓ ସାରଜାରେ ବିଶ୍ୱକପ୍ ଖେଳାଯାଉଛି। ଦୁବାଇରେ ୨୫ ହଜାର ଏବଂ ସାରଜାରେ ୧୬ ହଜାର ଦର୍ଶକ ମ୍ୟାଚ୍ ଦେଖିବାର ସୁବିଧା ରହିଛି। ଗ୍ରୁପରୁ ଫାଇନାଲ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୨୩ଟି ମ୍ୟାଚ୍ ଖେଳାଯିବ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ପୂର୍ବରୁ ଆଜି ସମସ୍ତ ଦଳର ଅଧିନାୟିକାଙ୍କୁ ନେଇ ଟ୍ରଫି ଉନ୍ମୋଚନ ଏବଂ ଫଟୋସୁଟ୍ ହୋଇଥିଲା ଏଥିରେ ୨ଟି ଓଟ ଓ ୨ଟି ବାଜ ପକ୍ଷୀ ସାମିଲ ହୋଇଥିଲେ।

ମୋଟ୍ ୧୦ଟି ଦଳ ନବମ ସଂସ୍କରଣରେ ଭାଗ ନେଇଛନ୍ତି। ସେମାନଙ୍କୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ଏ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଶ୍ରୀଲଙ୍କା ଏବଂ ଗ୍ରୁପ୍ ବିରେ ବାଂଲାଦେଶ, ଇଂଲଣ୍ଡ, ସ୍କଟଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ। ଗ୍ରୁପ୍ ପର୍ଯ୍ୟାୟ ଅକ୍ଟୋବର ୩ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଦଳ ସେମି ଫାଇନାଲକୁ ଉନ୍ନୀତ ହେବେ। ଅକ୍ଟୋବର ୧୭ ଓ ୧୮ ତାରିଖରେ ସେମି ଫାଇନାଲ ଖେଳାଯିବ।

## ଇରାନୀ କପ୍‌ରେ ଦ୍ୱିଶତକ ମାରିବାରେ ସର୍ଫରାଜ ଚତୁର୍ଥ ବ୍ୟାଟର

ନୂଆଦିଲ୍ଲୀ,୩।୧୦: ମୁମ୍ବାଇ ପାଇଁ ବ୍ୟାଟର ସରଫରାଜ ଖାନ ରେଷ୍ଟ ଅଫ୍ ଇଣ୍ଡିଆ। ବିପକ୍ଷରେ ଚମତ୍କାର ବ୍ୟାଟିଂ କରି ଦ୍ୱିଶତକ ହାସଲ କରିଛନ୍ତି। ୨୬ ବର୍ଷ ୩୪୬ ଦିନ ବୟସର ସରଫରାଜ ଇରାନୀ କପରେ ଦ୍ୱିଶତକ ହାସଲ



କରିବାରେ ଚତୁର୍ଥ ଯୁବ ବ୍ୟାଟର ହୋଇଛନ୍ତି। ଏହାସହ ଇରାନୀ କପରେ ଏପରି କରିବାରେ ସେ ପ୍ରଥମ ବ୍ୟାଟର ହୋଇଛନ୍ତି। ସରଫରାଜଙ୍କ ଦ୍ୱିଶତକ ବଳରେ ମୁମ୍ବାଇ ପ୍ରଥମ ଇନିଂସରେ ବିଶାଳ ସ୍କୋର କରିଛି।

ସେହିପରି ଇରାନୀ କପରେ ମମ୍ବାଇ ପକ୍ଷରୁ ସର୍ବାଧିକ ରନ୍ କରିଥିବା ବ୍ୟାଟର ହୋଇଛନ୍ତି ।ସେ ଏହି ମାମଲାରେ ରାମନାଥ ପାରକରଙ୍କୁ ପଛରେ ପକାଇଛନ୍ତି ୧୯୭୨ ମସିହାରେ ପାରକର ୧୯୫ ରନ୍ କରିଥିଲେ। ସରଫରାଜ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୫ ଶତକ ମାରି ସାରିଛନ୍ତି ଏବଂ ଘରୋଇ କ୍ରିକେଟରେ ନିଜ ଛାପ ଛାଡ଼ି ଆସୁଛନ୍ତି । ସରଫରାଜଙ୍କ ପୂର୍ବରୁ ଯଶସ୍ୱୀ ଜୈସ୍ୱାଲ ୨୧ ବର୍ଷ ୬୩ ଦିନ ବୟସରେ ଇରାନୀ ଟ୍ରଫିରେ ଦ୍ୱିଶତକ ମାରିଥିଲେ ।ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଇରାନୀ କପରେ ଦ୍ୱିଶତକ ମାରିଥିବା ସବୁଠୁ ଯୁବ ବ୍ୟାଟର ପ୍ରବୀଣ ଆମରେ (୨୨ ବର୍ଷ ୮୦ ଦିନ) ଏବଂ ଗୁଣ୍ଡପ୍ପା ବିଶ୍ୱନାଥ (୨୫ ବର୍ଷ ୨୫୫ ଦିନ) ସାମିଲ ଅଛନ୍ତି ।

ସରଫରାଜଙ୍କ ଜମଦାର ବ୍ୟାଟିଂ ବଳରେ ମୁମ୍ବାଇ ୫୩୭ ରନ୍ କରି ଅଲ୍ଆଉଟ୍ ହୋଇଯାଇଛି। ସରଫରାଜ ୨୭୬ ବଲରେ ୨୫ ଚୌକା ଏବଂ ଚାରି ଛକା ବଳରେ ୨୨୧ ରନ୍ କରି ଅପରାଜିତ ଅଛନ୍ତି। ନିଜର ଏହି ଇନିଂସ ବଳରେ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼, ଶିଖର ଧାୱନ ଏବଂ ଜୈସ୍ୱାଲଙ୍କ ପରି ବ୍ୟାଟରଙ୍କ କ୍ଲବରେ ସରଫରାଜ ସାମିଲ ହୋଇଛନ୍ତି ।

## ୧୪ ବର୍ଷ ପରେ ଗ୍ୱାଲିୟରରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍

ଗ୍ୱାଲିୟର,୩।୧୦: ଟି-୨୦ ମ୍ୟାଚ୍ ପାଇଁ ଭାରତ-ବାଂଲାଦେଶ ଦଳର କ୍ରିକେଟ୍ ଖେଳାଳିମାନେ ମଧ୍ୟପ୍ରଦେଶର ଗ୍ୱାଲିୟରରେ ପହଞ୍ଚିଛନ୍ତି। କ୍ରିକେଟତାରକାଙ୍କ ଏକ ଝଲକ ପାଇବା ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ପ୍ରଶଂସକ ବିମାନବନ୍ଦର ବାହାରେ ଅପେକ୍ଷା କରିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ଉଭୟ ଦଳର ଖେଳାଳିଙ୍କୁ ପୁଲିସ ଗ୍ୱାଲିୟର ବିମାନବନ୍ଦରରୁ ହୋଟେଲ ଉଷା କିରଣ ପ୍ୟାଲେସ୍ ଏବଂ ହୋଟେଲ ରେଡିସନକୁ ନେଇଥିଲା। ଗୁରୁବାର ଉଭୟ ଦଳ ଶ୍ରୀମନ୍ତ ମାଧବରାଓ ସିନ୍ଧିଆ। କ୍ରିକେଟ ଷ୍ଟାଡିୟମରେ ପହଞ୍ଚି ଅଭ୍ୟାସ କରିଛନ୍ତି।



୧୪ ବର୍ଷ ପରେ ଗ୍ୱାଲିୟରରେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳାଯାଉଛି। ତିନି ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଉଭୟ ଦଳ ଅକ୍ଟୋବର ୬ତାରିଖରେ ମୁହାଁମୁହିଁ ହେବେ। ସୂଚୀ ଅନୁଯାୟୀ, ଦିଲ୍ଲୀର ଅର୍ଶଦୀପ ସିଂହ, ହର୍ଷିତ ରାଣା ଏବଂ କାନପୁରରୁ ବାଂଲାଦେଶୀ ଖେଳାଳିମାନେ ସରକାରୀ ଚାର୍ଟର ବିମାନଯୋଗେ ଗ୍ୱାଲିୟରରେ ପହଞ୍ଚିଥିଲେ। ଅତିରିକ୍ତ ସୁରକ୍ଷା ଦେଇ ସାଧାରଣ ବିମାନବନ୍ଦର କବାଟ ପରିବର୍ତ୍ତେ ଅନ୍ୟ ଏକ କବାଟରୁ ବନ୍ଦ ହୋଇଥିବା ବସରେ ଭ୍ରମଣକାରୀ ଖେଳାଳିମାନଙ୍କୁ ହୋଟେଲ ରେଡିସନକୁ ଅଣାଯାଇଥିଲା।

ଏହାପରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇରୁ ଏକାଠି ହୋଇଥିଲେ ପାଣ୍ଡ୍ୟା ଏୟାରପୋର୍ଟ ଗେଟ୍ ସାମ୍ନାକୁ ଆସିଥିଲେ ସନ୍ଧ୍ୟାରେ ବାଂଲାଦେଶରୁ ୧୨ ଜଣ ଖେଳାଳି ଦିଲ୍ଲୀ ବିମାନରୁ ପହଞ୍ଚିଥିଲେ। ଭାରତୀୟ ଦଳର ଅଧିନାୟକ ଗୌତମ ଗମ୍ଭୀର, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦର ଏବଂ ସଞ୍ଜୁ ସାମସନ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଦିଲ୍ଲୀ ବିମାନରେ ଏକାଠି ପହଞ୍ଚିବେ ଶିବମ୍ ଦୁବେ ମଧ ଦଳରେ ଯୋଗ ଦେବେ, ବର୍ତ୍ତମାନ ସେ ଅପରାହ୍ନ କିମ୍ବା ସନ୍ଧ୍ୟା ବିମାନରେ ଆସିବେ କି ନାହିଁ ତାହା ସ୍ଥିର କରିନାହାଁନ୍ତି।

## ମିଡିଆ ରିପୋର୍ଟକୁ ନେଇ ଶାମି ଖପ୍ପା

ନୂଆଦିଲ୍ଲୀ,୩।୧୦: ପୁଣି ଥରେ ଆହତ ହୋଇ ମହମ୍ମଦ ଶାମି ବର୍ଡର-ଗାଭାସ୍କର ଟ୍ରଫିରୁ ବାଦ୍ ପଡ଼ି ପାରନ୍ତି ବୋଲି ବୁଧବାର ଗଣମାଧ୍ୟମରେ ଏମିତି ଖବର ପ୍ରକାଶ ପାଇଥିଲା।ଏହି ଖବର ଭାରତୀୟ ଦଳଠୁ ନେଇ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏକ ପ୍ରକାର ଝଟକା ଥିଲା। ତେବେ ଏହି ଖବରକୁ ଖଣ୍ଡନ କରିଛନ୍ତି ଖୋଦ୍ ଭାରତୀୟ କ୍ରିକେଟ୍ ଦଳର ତାରକା ଦ୍ରୁତ ବୋଲର ମହମ୍ମଦ ଶାମି।



ବୁଧବାର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର କରି ସେ କହିଛନ୍ତି, ଆଗାମୀ ବର୍ଡର-ଗାଭାସ୍କର ଟ୍ରଫିରୁ ସେ ବାଦ୍ ପଡୁଥିବା ଖବର ସଂପୂର୍ଣ୍ଣ ମିଥ୍ୟା। ନା ସେ ଏହି ବିଷୟରେ କିଛି କହିଛନ୍ତି ନା ବିସିସିଆଇ ପକ୍ଷରୁ ଏ ସଂପର୍କରେ ଆନୁଷ୍ଠାନିକ ସୂଚନା ଦିଆଯାଇଛି। ଶାମି କହିଛନ୍ତି, ଏହି ଧରଣର ଗୁଜବ ପ୍ରଚାର କାହିଁକି କରାଯାଉଛି ? ମୁଁ ସଂପୂର୍ଣ୍ଣ ଫିଟ୍ ହେବା ପାଇଁ ଓ ପଡିଆକୁ ଫେରିବାକୁ ବହୁ ପରିଶ୍ରମ କରୁଛି । ମୁଁ ବର୍ଡର-ଗାଭାସ୍କର ଟ୍ରଫିରୁ ବାଦ୍ ପଡ଼ିବା ନେଇ ନା ବିସିସିଆଇ ଏବଂ ନା ମୋ ପକ୍ଷରୁ କିଛି ସୂଚନା ଦିଆଯାଇଛି। ମୁଁ ଲୋକଙ୍କୁ ଅନୁରୋଧ କରୁଛି। ସେମାନେ ଏହି ଧରଣର ଆଧାରହୀନ ପ୍ରସାରିତ ଖବର ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ। ଦୟା କରି ମୋ ବୟାନ ବିନା ଏମିତି ମିଛ ଖବର ପ୍ରଚାର କରନ୍ତୁ ନାହିଁ।

ମହମ୍ମଦ ଶାମିଙ୍କ ଏହି ବୟାନ ଆସିବା ପରେ ଏହି ତାରକା ବୋଲରଙ୍କ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଜରିଆରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଅକ୍ଟୋବର ୧୯ରେ ବେଙ୍ଗାଲୁରୁରୁ ଆରମ୍ଭ ହେଉଛି ଅଷ୍ଟ୍ରେଲିଆ। ଗସ୍ତ ପୂର୍ବରୁ ଶାମିଙ୍କ ଏଥିରୁ ଗୋଟିଏ ମ୍ୟାଚ୍ ଖେଳିବା ନେଇ ଆଶା କରାଯାଉଛି । କାରଣ ଅଷ୍ଟ୍ରେଲିଆ। ସିରିଜ ଭାରତ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ସିରିଜ୍ ସ୍ଥିର କରିବ କେଉଁ ଦଳ ବିଶ୍ ଟେଷ୍ଟ ଚାମ୍ପିଅନଶିପରେ ଫାଇନାଲରେ ପ୍ରବେଶ କରିବ । ଏହି ଡାହାଣହାତୀ ୩୪ ବର୍ଷୀୟ ଦ୍ରୁତ ବୋଲର ଗତ ବର୍ଷ ଅଷ୍ଟ୍ରେଲିଆ। ବିପକ୍ଷରେ ନଭେମ୍ବର ୧୯ରେ ଅହମ୍ମଦାବାଦରେ ଖେଳାଯାଇଥିବା ଦିନିକିଆ। ବିଶ୍ୱକପ୍ ଫାଇନାଲ୍ ପରଠୁ ଦଳରୁ ବାହାରେ ଅଛନ୍ତି । ଚଳିତ ବର୍ଷ ଫେବୃଆରୀରେ ଇଂଲଣ୍ଡରେ ତାଙ୍କ ଗୋଇଠିର ସର୍ଜରୀ ହୋଇଥିଲା। ଏହା ପରେ ସେ ଜାତୀୟ କ୍ରିକେଟ୍ ଏକାଡେମୀ(ଏନସିଏ)ରେ ରିହାବ୍ ଦେଇ ଗତି କରୁଛନ୍ତି।

## ହରିୟାଣା ନିର୍ବାଚନ ପ୍ରଚାରରେ ସାମିଲ ହେଲେ ସେହ୍ୱାଗ

ହରିୟାଣା,୩।୧୦: ହରିୟାଣାର ରାଜନୀତି ଏବେ ବେଶ୍ କୌତୁହଳପୂର୍ଣ୍ଣ ଅକ୍ଟୋବର ୫ରେ ରାଜ୍ୟର ୯୦ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବ। ଏଭଳି ପରିସ୍ଥିତିରେ ସମସ୍ତ ପ୍ରାର୍ଥୀ ନିର୍ବାଚନ ପ୍ରଚାରରେ ଲାଗିପଡିଛନ୍ତି। ଏଥିରୁ ବାଦ୍ ପଡିନାହାଁନ୍ତି ପୂର୍ବତନ କ୍ରିକେଟର ବିରେନ୍ଦର ସେହ୍ୱାଗ ।



ସେ ମଧ ହରିୟାଣାର ତୋଷାମରେ ପହଞ୍ଚିଥିଲେ। ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସ ପ୍ରାର୍ଥୀ ଅନିରୁଦ୍ଧ ଚୌଧୁରୀଙ୍କ ପାଇଁ ଜନତାଙ୍କୁ ମାଗିଥିଲେ ଭୋଟ୍। ସାକ୍ଷାତକାରରେ ସେହାଗ କହିଛନ୍ତି,ମୁଁ ଆଶା କରୁଛି ଯେ ତୋଶାମର ଲୋକମାନେ ବହୁ ସଂଖ୍ୟାରେ ଭୋଟ୍ ଦେଇ ତାଙ୍କୁ ବିଜୟୀ କରାଇବେ।

ସେ ଆହୁରି ମଧ କହିଛନ୍ତି, ମୁଁ ମୋର କର୍ତ୍ତବ୍ୟ ପାଳନ କରିବାକୁ ଏଠାକୁ ଆସିଛି। ଆମର ଏଠି ଏମିତି ହୁଏ, ଯେତେବେଳେ ଜଣେ ବଡ଼ ଭାଇ କିଛି କାମ କରନ୍ତି, ସମସ୍ତଙ୍କୁ ଏକାଠି ହୋଇ ସାହାଯ୍ୟ କରିବାକୁ ପଡେ । ବାସ୍ ମୁଁ ସେମିତି କରିବାକୁ ଏଠାକୁ ଆସିଛି। ଯେତେବେଳେ ସେହାଗ ତୋଷାମରେ ପହଞ୍ଚିଥିଲେ, ସେତେବେଳେ କଂଗ୍ରେସ ପ୍ରାର୍ଥୀ ଅନିରୁଦ୍ଧ ଚୌଧୁରୀ କହିଥିଲେ ଯେ ସାଧାରଣତଃ କ୍ରିକେଟରମାନେ ନିର୍ବାଚନ ପ୍ରଚାର ପାଇଁ ଯାଆନ୍ତି ନାହିଁ।।କିନ୍ତୁ ଭୀରୁ ସବୁବେଳେ ଆସନ୍ତି। ମୋତେ ତାଙ୍କ ବିଷୟରେ କିଛି କହିବାର ନାହିଁ ।ସେ ଏଠାକୁ ଆସିଥିବାରୁ ମୁଁ ଭୀରୁଙ୍କୁ କୃତଜ୍ଞତା ଜଣାଉଛି । ଯେତେବେଳେ ବି ଆମେ ଭେଟ ହୁଏ, ଆମେ କ୍ରିକେଟ୍ ବିଷୟରେ କମ୍ ଏବଂ ବ୍ୟକ୍ତିଗତ ଜୀବନ ବିଷୟରେ ଅଧିକ କଥାବାର୍ତ୍ତା ଚର୍ଚ୍ଚା କରୁ ବୋଲି କଂଗ୍ରେସ ପ୍ରାର୍ଥୀ ଅନିରୁଦ୍ଧ ଚୌଧୁରୀ କହିଛନ୍ତି ।

## ଖେଳାଳି ହେବେ ମାଲାମାଲ, କ୍ଷତି ସହିବ ଫ୍ରାଞ୍ଚାଇଜ୍

ନୂଆଦିଲ୍ଲୀ,୩।୧୦: ଭାରତ ଏବଂ ବାଂଲାଦେଶ ମଧ୍ୟରେ ଖେଳ ହେବାକୁ ଥିବା ଟିମ୍ ଇଣ୍ଡିଆର ସ୍କ୍ୱାର୍ଡ ଘୋଷଣା ହୋଇଛି । ଏହି ସ୍କ୍ୱାର୍ଡରେ ଅନ୍‌କ୍ୟାପଡ ପ୍ଲେୟାରଙ୍କୁ ସାମିଲ କରାଯାଇଛି । ୨୦୨୫ରେ ସବୁ ଟିମ୍ ନିଜ ରିଟେନ୍ ଲିଷ୍ଟ ୩୧ ଅକ୍ଟୋବର ମଧ୍ୟରେ ଦାଖଲ କରିବେ। କିନ୍ତୁ ଏହା ପୂର୍ବରୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଖେଳାଯିବ ଟି-୨୦ ସିରିଜ ।

ଟିମ୍‌ରେ ସାମିଲ ହର୍ଷିତ ରାଣା କେକେଆର , ମୟଙ୍କ ଯାଦବ ଲକ୍ଷ୍ନୌ ସୁପର ଜାଏଂଟସ ଏବଂ ଅଲରାଉଣ୍ଡର ନୀତିଶ ରେଡ୍ଡି ହାଇଦ୍ରାବାଦ ପାଇଁ ଆଇପିଏଲ୍‌ରେ ଖେଳୁଥିବା ନଜର ଆସିବେ। ଏହି ତିନି ଖେଳାଳି ଏବେ ଯାଏଁ ଅନ୍ତରାଷ୍ଟ୍ରୀୟ ଖେଳରେ ଡେବ୍ୟୁ କରିନାହାଁନ୍ତି। ଯଦି ଏହି ତିନ ଖେଳାଳି ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଟି-୨୦ ସିରିଜରେ ଡେବ୍ୟୁ କରଯାଆନ୍ତି ତେବେ ସେମାନଙ୍କୁ ଆଇପିଏଲ୍ ମେଗା ଅକ୍ସନ କ୍ୟାପଡ ଖେଳାଳି ମାନ୍ୟତା



ପାଇବେ । ଯେଉଁଥିପାଇଁ ଫ୍ରାଞ୍ଚାଇଜ୍ ୪ କୋଟି ଟଙ୍କାରେ ଏମାନଙ୍କୁ ରିଟେନ୍ କରିପାରିବ ନାହିଁ।ଏହି ଖେଳାଳିଙ୍କୁ ଟିମ୍‌ରେ ପୁଣିଥରେ ସାମିଲ କରିବାକୁ ଟିମ୍ ଗୁଡିକୁ ଆକାଉଣ୍ଟ ଖାଲି କରିବାକୁ ପଡିବ। ଯଦି ଏହା ରାଇଟ୍ ଟୁ ମ୍ୟାଚ୍ କୋର୍ଡ ଜରିଆରେ ହେଉନା କାହିଁ । ଏଲ୍ଏସଜିର ପେସ ବୋଲର ମୟଙ୍କ ଯାଦବ ଯଦି ଟି-୨୦ରେ ଡେବ୍ୟୁ କରନ୍ତି ତେବେ ଆୟୁଷ ବଦୋନିଙ୍କୁ ଅନକ୍ୟାପଡ ଖେଳାଳି ଭାବେ ନିଜ ଟିମ୍‌ରେ ରିଟେନ୍ କରିପାରିବେ। ସେହିଭଳି କେକେଆର ହର୍ଷିତ ରାଣାଙ୍କ ସ୍ଥାନରେ ସୁୟସ ଶର୍ମା ଏବଂ ବୈଭବ ଅରୋରା ମଧ୍ୟରୁ କିଏ ଜଣେ ଅନ୍‌କ୍ୟାପ୍ଡ ଖେଳାଳି ଭାବେ ରିଟେନ୍ କରିପାରନ୍ତି। ଅନ୍ୟପଟେ ହାଇଦ୍ରାବାଦ ଆଇପିଏଲକୁ ନୂଆ ଅନକ୍ୟାପ୍ଡ ଖେଳାଳିର ଆବଶ୍ୟକତା ରହିଛି। ଆଇପିଏଲ୍ ୨୦୨୪ରେ ନୀତିଶ ରେଡ୍ଡୀ ଉଭୟ ବ୍ୟାଟ୍ ଓ ବଲ୍‌ରୁ କମାଲ କରିଥିଲେ । ଏବେ ମେଗା ଅକ୍ସନକୁ ଅପେକ୍ଷା।

# ୧୮ କୋଟି ପାଇଁ ଯୋଗ୍ୟ ନୁହନ୍ତି ପାଣ୍ଡ୍ୟା : ମୁଡି

ନୂଆଦିଲ୍ଲୀ,୩।୧୦: ଆଇପିଏଲ୍ ୨୦୨୫ର ମେଗା ନିଲାମ ପୂର୍ବରୁ ରିଟେନସନ ନିୟମ ସାମ୍ନାକୁ ଆସି ସାରିଛି। ଏହା ଅନୁସାରେ ଏବେ ଫ୍ରାଞ୍ଚାଇଜମାନେ ନିଜ ଦଳରେ ଛଅ ଖେଳାଳିଙ୍କୁ ରଖି ପାରିବେ। ଇତି ମଧ୍ୟରେ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟ୍‌ର ଟମ୍ ମୁଡି ଚକିତ କରିବା ଭଳି ବୟାନ ଦେଇଛନ୍ତି ମୁଡି କହିଛନ୍ତି, ପାଣ୍ଡ୍ୟାଙ୍କୁ ୧୮ କୋଟି ଟଙ୍କାରେ ରିଟେନ୍ କରାଯିବା ଉଚିତ କି ନାହିଁ ତାକୁ ନେଇ ମୁଁ ନିଶ୍ଚିତ ନୁହେଁ ପାଣ୍ଡ୍ୟା ଗତ ବର୍ଷ ମୁମ୍ବାଇ କ୍ରିକେଟ୍ ଦଳର ଅଧିନାୟକ ଥିଲେ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୧୮-୧୮ କୋଟି ଟଙ୍କାର ଦୁଇ ଖେଳାଳି, ୧୪-୧୪ କୋଟି ଟଙ୍କାରେ ଦୁଇ ଖେଳାଳି ଏବଂ ୧୧ କୋଟି ଲେଖାଏଁ ଖର୍ଚ୍ଚ କରି ଦୁଇ ଖେଳାଳି ରିଟେନ୍ କରାଯାଇ ପାରିବ। ଏହି ପ୍ରସଙ୍ଗରେ ଟମ ମୁଡି କହିଛନ୍ତି, ଗତ ସିଜିନରେ ଯାହା କିଛି ଘଟିଛି, ତାକୁ ଦେଖିଲେ ରୋହିତଙ୍କୁ ନେଇ କିଛି କୁହାଯାଇ ପାରିବ ନାହିଁ। ମୋତେ ଲାଗୁଛି ବୁମରା ଓ ସୂର୍ଯ୍ୟକୁମାର ଯାଦବଙ୍କୁ ୧୮-୧୮ କୋଟି ଟଙ୍କାରେ ରିଟେନ କରାଯିବା ଉଚିତ। ଏହି ତାଲିକାରେ ପାଣ୍ଡ୍ୟାଙ୍କ ନାଁ ସାମିଲ ଥିବ।



ମୁଡ଼ି କହିଛନ୍ତି, ପାଣ୍ଡ୍ୟାଙ୍କୁ ୧୪ କୋଟି ଟଙ୍କା ମିଳିପାରେ। ଏହା ବ୍ୟତୀତ ତାଙ୍କ ଫିଟନେସ୍ ଉପରେ ମଧ ସଭିଙ୍କ ନଜର ରହିବ। କିନ୍ତୁ ଆପଣଙ୍କୁ କଣ ଲାଗୁଛି ପାଣ୍ଡ୍ୟାଙ୍କୁ ୧୮ କୋଟି ଟଙ୍କା ମିଳିବା ଉଚିତ। ଏତେ କୋଟି ଟଙ୍କା ଖର୍ଚ୍ଚ କଲେ ଜଣେ ଭଲ ମ୍ୟାଚ୍ ବିଜେତା ଖେଳାଳି କିଣା ଯାଇ ପାରିବ।

ସୂଚନାଯୋଗ୍ୟ, ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍ ୨୦୨୪ ଠିକ୍ ପୂର୍ବରୁ ରୋହିତ ଶର୍ମାଙ୍କୁ ଅଧିନାୟକ ପଦରୁ ହଟାଯାଇଥିଲା ତାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେତୃତ୍ୱ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସିଜିନରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲ। ରୋହିତଙ୍କୁ ଅଧିନାୟକ ପଦରୁ ହଟାଯିବା ନେଇ ଖୁବ ବିବାଦ ହୋଇଥିଲା। ଏବେ ରୋହିତ ମୁମ୍ବାଇ ଦଳର ରହିବେ କି ନାହିଁ ସ୍ପଷ୍ଟ ହୋଇ ନାହିଁ।

ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଅନେକ ସମୟରେ ଦମଦାର ପ୍ରଦର୍ଶନ କରିଛନ୍ତି। ମାତ୍ର ପାଣ୍ଡ୍ୟାଙ୍କ ପାଇଁ ଗତ ସିଜିନ ଦୁଃସ୍ୱପ୍ନ ପରି ଥିଲା। ତାଙ୍କ ନେତୃତ୍ୱରେ ମୁମ୍ବାଇର ପ୍ରଦର୍ଶନ ଶୋଚନୀୟ ଥିଲା। ପାଣ୍ଡ୍ୟା ଏ ପର୍ଯ୍ୟନ୍ତ ଆଇପିଏଲ୍‌ରେ ୧୩୭ ମ୍ୟାଚ୍ ଖେଳି ୨୫୨୫ ରନ କରିଛନ୍ତି।ଏଥିରେ ୧୦ ଅର୍ଦ୍ଧଶତକ ସାମିଲ ବୋଲିଂରେ ପ୍ରଭାବଶାଳୀ ପ୍ରଦର୍ଶନ କରି ୬୪ ୱିକେଟ୍ ଅକ୍ତିଆର କରିଛନ୍ତି।

## ଧୋନିଙ୍କୁ ଭେଟିବାକୁ ୧୧୫୦ କି.ମି.ଯାତ୍ରା

ନୂଆଦିଲ୍ଲୀ,୩।୧୦: ସାରା ଦେଶରେ ମହେନ୍ଦ୍ର ସିଂ ଧୋନିଙ୍କ ଫ୍ୟାନ୍। ତାଙ୍କର ଟିକେ ଝଲକ ପାଇବାକୁ ଫ୍ୟାନ୍ସ ଚାହିଁ ରହିଛନ୍ତି। ଏବେ ଧୋନୀଙ୍କର ଯୁବ ଫ୍ୟାନ୍ସ ବେଶ୍ ଚର୍ଚ୍ଚାରେ ସେ ଧୋନୀଙ୍କୁ ଭେଟିବା ପାଇଁ ୧୧୫୦ କିମି ସାଇକେଲ ଚଳାଇ ଦିଲ୍ଲୀରୁ ରାଞ୍ଚିରେ ପହଞ୍ଚିଛନ୍ତି ।

ଏହି ଯୁବ ଫ୍ୟାନ୍ସଙ୍କ ନାଁ ବୈଭବ କୁମାର ସେ ଧୋନୀଙ୍କୁ ଭେଟିବା ପାଇଁ ଧୋନୀଙ୍କ ଘର ବାହାରେ ୫ ଦିନ ଯାଏଁ ଟେଣ୍ଟରେ ରହି ଅପେକ୍ଷା କରିଥିଲେ। ଧୋନିଙ୍କ ଘରେ ପହଞ୍ଚିବା ପରେ ବୈଭବ ରାତି ସାରା ବାହାରେ ଅପେକ୍ଷା କରିଥିଲେ। ଧୋନି ସକାଳେ ତାଙ୍କ କାର ଧରି ବାହାରିଥିଲେ। କିନ୍ତୁ ଜାଣିପାରିନଥିଲେ। କିନ୍ତୁ ବୈଭବ ତାଙ୍କୁ ଦେଖିବା ପରେ ଆଶ୍ୱସ୍ତି ଅନୁଭବ କରିଥିଲେ।

ପ୍ରଥମ ଦିନରେ ସାକ୍ଷାତ ନହେବା ପରେ ତାଙ୍କୁ ଅପେକ୍ଷା କରିଥିଲେ ବୈଭବ। ଏହାପରେ ଧୋନି ପୁଣି ଥରେ ତାଙ୍କ କାରରେ ଗଲେ, କିନ୍ତୁ ସେ କାରରୁ ନଓହ୍ଲାଇ କେବଳ ହାତ ଦେଖାଇ ଚାଲି ଯାଇଥିଲେ । ବୈଭବ ଧୋନିଙ୍କୁ ଆଗରୁ ଦେଖିଥିଲେ ସତ କିନ୍ତୁ ବ୍ୟକ୍ତିଗତ ଭାବରେ ତାଙ୍କୁ ଭେଟି ପାରିନଥିଲେ । ସେ ଏପରି ଭାବେ ୫ ଦିନ ବିତାଇଥିଲେ।ଏହି ସମୟରେ ସେ ରାତିରେ ତମ୍ବୁରେ ଶୋଇଥିଲେ। ଏହାପରେ ଧୋନୀଙ୍କ ଉପରେ ରାଗିଯାଇଥିଲେ ଅନ୍ୟ ଫ୍ୟାନ୍ସ କ୍ୟାପଟେନ କୁଲଙ୍କୁ ଅହଂକାରୀ ବୋଲି କହିଥିଲେ। ତେବେ ଏହାପୂର୍ବରୁ ୨୩୦୦ କିଲୋମିଟର ସାଇକେଲ ଚଳାଇ ଚେନ୍ନାଇ ପହଞ୍ଚିଥିଲେ ।

କିନ୍ତୁ ସେଠାରେ ମଧ ଦେଖା ମିଳିନଥିଲା ଧୋନୀଙ୍କର। ତେବେ ବର୍ତ୍ତମାନ ଧୋନୀଙ୍କୁ ଭେଟିଥିବା କହିଛନ୍ତି ବୈଭବ।ସେ କହିଛନ୍ତି ଧୋନିଙ୍କ ଠାରୁ ଏକ ଅଟୋଗ୍ରାଫ୍ ଟି-ସାର୍ଟ ପାଇଛନ୍ତି। ଆଉ କ୍ୟାପଟେନ କୁଲ ତାଙ୍କୁ ପୁରା ଫାର୍ମହାଉସ୍ ବୁଲାଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ